## ସଂକ୍ଷେପରେ

### ଦୁଇ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

**ରୂପ୍ସା,୧୯।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍ସା ଥାନାର ନୂତନ ଥାନାଧିକାରୀ ଅଜୟ କୁମାର ମୁର୍ମୁ ଓ ପୂର୍ବତନ ଥାନାଧିକାରୀ ସୁଚନ୍ଦ୍ର ମହାଲିକଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ବସ୍ତା ଏସ୍‌ଡ଼ିପିଓ ଜଳନ୍ଧର ଜାଲିଙ୍କ ପୌରୋହିତ୍ୟରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଡା. ଅରୁଣୀ କୁମାର ଭୂୟାଁ, ବସ୍ତା ଆଇଆଇସି ଧନେଶ୍ୱର ସାହୁ, ଏଏସ୍‌ଆଇ ନରହରି ମହାଲିକ, ଏଏସ୍‌ଆଇ ହେମନ୍ତ କୁମାର ଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଲିସ ସର୍ବଦା ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଉଚିତ୍ ବୋଲି କହିଥିଲେ। ବିଦାୟୀ ଥାନାଧିକାରୀ ମହାଲିକଙ୍କ ୨ ବର୍ଷର କାର୍ଯ୍ୟକାଳ ମଧ୍ୟରେ ତାଙ୍କର କାର୍ଯ୍ୟଦକ୍ଷତା ଓ ପାରିବାପଣିଆକୁ ପ୍ରଶଂସା କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା ଦିଗରେ ନୂତନ ଥାନାଧିକାରୀ ମୁର୍ମୁ ରୂପ୍ସାବାସୀଙ୍କ ସହଯୋଗ କାମନା କରିଥିଲେ।

### ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

**ବାଲେଶ୍ୱର ଅଫିସ,୧୯।୧୨:** ବାଲେଶ୍ୱରସ୍ଥିତ ଗାନ୍ଧୀ ସ୍ମୃତିଭବନ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନାଗରିକ ସଂଶୋଧନ ଆଇନ ଓ ଏନ୍‌ଆରସିକୁ ବିରୋଧ କରି ବାମ ଓ ଗଣତାନ୍ତ୍ରିକ ମଞ୍ଚ ତରଫରୁ ଗୁରୁବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରି ଏହି ଆଇନକୁ ସମାଲୋଚନା କରିଥିଲେ। ଆଇନକୁ ବିରୋଧ କରୁଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ସ୍ୱାଧୀନଚେତା ଜନସାଧାରଣଙ୍କ ଉପରେ ପୋଲିସ୍ ବର୍ବରୋଚିତ ଆକ୍ରମଣ ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ ସିପିଆଇର ଜିଲା ସହସମ୍ପାଦକ ଭାଗବତ ପ୍ରତିହାରୀ। କେତେକ ସ୍ଥାନରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀଙ୍କ ଉପରେ ଆକ୍ରମଣ କରାଯାଉଛି ବୋଲି ସିପିଏମ୍‌ର ଜିଲା ସମ୍ପାଦକ ଶିଶିର ହୁଇ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରତିବାଦର ସ୍ୱର ଦେଶବ୍ୟାପୀ ବ୍ୟାପକ କରିବାକୁ ସମବେତ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। ନିକୁଞ୍ଜ ବସନ୍ତ ରାୟ, ପ୍ରେମରଞ୍ଜନ ପାତ୍ର, ଶାନ୍ତନୁ ଦାସ, ସନ୍ଧ୍ୟା ଦାସମଜୁମଦାର, ରାମ ବେହେରା, ଏମ୍‌କେଡି ମଜୁମଦାର ଓ ଶକୁନ୍ତଳା ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ପୋଷ୍ଟମାଷ୍ଟରଙ୍କ ପରଲୋକ

**ରୂପ୍ସା, ୧୯।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍ସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଲିଗୋହିରି ଗ୍ରାମର ପୂର୍ବତନ ପୋଷ୍ଟମାଷ୍ଟର ବିଦ୍ୟାଧର ମହାପାତ୍ର (୮୦)ଙ୍କର ବୁଧବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କ ନିକଟରେ ପରିବାରବର୍ଗ ଓ ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ସାମାଜିକ କର୍ମୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଖ୍ୟାତି ଅର୍ଜନ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ଓ ଡାକବିଭାଗ କର୍ମଚାରୀ ପହଞ୍ଚି ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଭିଯୁକ୍ତଙ୍କୁ ଆଣି ତଦନ୍ତ କଲା ପୋଲିସ

**ବାଲେଶ୍ୱର ଅଫିସ, ୧୯।୧୨**

## ଗୁଡ଼ିପଦା ଅଞ୍ଚଳରେ ହତ୍ୟା ଘଟଣା

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଗୁଡ଼ିପଦା ଅଞ୍ଚଳରେ ରହୁଥିବା ବଡ଼ା ମାରାଣ୍ଡି (୪୮)ଙ୍କୁ ତାଙ୍କ ରକ୍ଷିତା ସୀତା ହେମ୍ବ୍ରମ (୪୩) ବୁଧବାର ଭୋର୍ ସମୟରେ କଟୁରୀରେ ହାଣି ହତ୍ୟା କରିବା ପରେ ବାରିପଦା ସଦର ଥାନାରେ ଆତ୍ମସମର୍ପଣ କରିଥିଲେ। ବଡାଙ୍କ ଘର ମୟୂରଭଞ୍ଜ ଜିଲା ସିରିସବଣି ଗ୍ରାମରେ। ପୋଲିସ ସୀତାଙ୍କୁ ବାରିପଦାରୁ ଆଣି ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହାପରେ ଅପରାହ୍ନ ୨ଟା ବେଳେ ସୀତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପରେଶ ରାଉତ ପ୍ରକାଶ କରିଛନ୍ତି।

ସୀତାଙ୍କ କହିବାନୁଯାୟୀ, ବଡ଼ା ମାରାଣ୍ଡି ଭାରତୀୟ ଖାଦ୍ୟ ନିଗମ ବାଲେଶ୍ୱର ଶାଖା ଅଫିସ୍‌ରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ୨୫ବର୍ଷ ଧରି ତାଙ୍କ ସହ ବାଲେଶ୍ୱର ଅଞ୍ଚଳର ଭଡ଼ା ଘରେ ରହି ଆସୁଥିଲେ। ବଡ଼ା ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସ୍ତ୍ରୀର ମାନ୍ୟତା ଦେଉ ନ ଥିଲେ। ଏହାକୁ ନେଇ ବାରମ୍ବାର ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗି ରହୁଥିଲା। ପୂର୍ବରୁ ସେ ତାଙ୍କର ସମସ୍ତ ଭରଣପୋଷଣ ଦାୟିତ୍ୱ ବୁଝୁଥିଲେ। କିନ୍ତୁ ଗତ ୨ ବର୍ଷ ଧରି ସେ କିଛି ବି ବୁଝୁ ନ ଥିଲେ। ଗତ ମଙ୍ଗଳବାର ରାତିରେ ଖାଇ ସାରିବା ପରେ ଏହି ଘଟଣାକୁ ନେଇ ରାତି ୨ଟା ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବଡ଼ା ସହମତି ପ୍ରକାଶ ନ କରି ଶୋଇ ପଡ଼ିବାରୁ ସୀତା ବିରକ୍ତ ହୋଇ ବୁଧବାର ଭୋର୍ ସମୟରେ ଏକ ଧାରୁଆ କଟୁରୀରେ ତାଙ୍କ ବେକ ଓ ମୁଣ୍ଡରେ ଆଘାତ କରି ହତ୍ୟା କରିଥିଲେ। ଏହାପରେ ସେ ବାରିପଦା ସଦର ଥାନାରେ ଆତ୍ମସମର୍ପଣ କରିଥିଲେ। ଏ ନେଇ ଥାନାଧିକାରୀ ପରେଶ ରାଉତ କହିଛନ୍ତି, ହତ୍ୟା ଘଟଣା ନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୩୯୧/୧୯) ରୁଜୁ କରାଯାଇ ବାରିପଦା ସଦର ଥାନାରେ ଆତ୍ମସମର୍ପଣ କରିଥିବା ସୀତାଙ୍କୁ ଗିରଫ କରାଯାଇ ବାଲେଶ୍ୱର ଅଣାଯାଇଛି। ହତ୍ୟାକାରୀଙ୍କୁ ଘଟଣାସ୍ଥଳକୁ ନିଆଯାଇ ତଦନ୍ତ କରାଯିବା ପରେ କୋର୍ଟଚାଲାଣ କରାଯାଇଛି।



ଗୁଡ଼ିପଦାସ୍ଥିତ ଭଡ଼ାଘରୁ ପୋଲିସ୍ ତଦନ୍ତ କରି ଫେରୁଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାହାନଗା, ୧୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ପରିସରରେ ବୁଧବାର ଯୁବ ରେଡକ୍ରସ ଦ୍ୱାରା ଆୟୋଜିତ ବାର୍ଦ୍ଧକ୍ୟ ଜନିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଗୋପାଳପୁର ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଆନୁକୂଲ୍ୟରେ ଅୟୋଜିତ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେଶ କୁମାର ପାଢୀ ଉଦ୍‌ଘାଟନ କରିଥିଲେ। ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିସିନି ସ୍ପେଶାଲିଷ୍ଟ ଡାକ୍ତର ସୁରଜ କୁମାର ଯେନା ଉପସ୍ଥିତ ରହି ବୃଦ୍ଧା ବୃଦ୍ଧ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଫାର୍ମାସିଷ୍ଟ ଶିବାଞ୍ଜନ ରଣା ଓ ହେଲ୍‌ଥ ସୁପରଭାଇଜର ରବିନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଔଷଧ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନା କରିଥିଲେ। ରୋଗୀମାନଙ୍କର ମାଗଣା ରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ନଗେନ୍ଦ୍ର କୁମାର ପାଢୀ, ଅଧ୍ୟାପିକା ଅନିତା ଜେନା, ବରେନ୍ଦ୍ର କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ୫୧ ଜଣ ମହିଳା ଓ ୭୯ ଜଣ ପୁରୁଷ ରୋଗୀ ସମେତ ମୋଟ ୧୩୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ପ୍ରତିରକ୍ଷା ଠିକା କର୍ମଚାରୀ ସଂଘର ବୈଠକ

**ବାଲେଶ୍ୱର ଅଫିସ,୧୯।୧୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ପ୍ରତିଷ୍ଠାନର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଠିକାଶ୍ରମିକମାନଙ୍କୁ ନେଇ ଗଠିତ ପ୍ରତିରକ୍ଷା ଠିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରତିହାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶ୍ରମିକଙ୍କୁ ଠିକ୍ ବୋନସ ଦେବା, ନିୟମିତ କାମ ଯୋଗାଇବା, ଭବିଷ୍ୟନିଧି ପାଣ୍ଠିକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବା ଭଳି କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା।

କେନ୍ଦ୍ର ସରକାରଙ୍କ ଶ୍ରମଜୀବୀ ଓ ଜନତା ବିରୋଧୀ ନୀତିକୁ ବିରୋଧ କରି ଆସନ୍ତା ଜାନୁୟାରୀ ୮ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ପ୍ରତିରକ୍ଷା ଠିକା କର୍ମଚାରୀମାନେ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମାନିକ କୁମାର ମାଇତି, ପ୍ରତାପ ବେହେରା, ବିଷ୍ଣୁପଦ ସେଠି, ଦିଲ୍ଲୀପ କୁମାର ଜେନା, ମହେନ୍ଦ୍ର ରାଉତ, ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲା ସମ୍ପାଦକ ମାୟାଧର ନାୟକ ଓ ସହ-ସମ୍ପାଦକ ଶ୍ୟାମ ସୁନ୍ଦର ଜେନା, ରଘୁନାଥ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ପ୍ରତିରକ୍ଷା ଠିକା କର୍ମଚାରୀ ସଂଘର କର୍ମକର୍ତ୍ତା।



ସହଦେବଖୁଣ୍ଟା ଡାକ ଅଧୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଡାକ ସେବକମାନେ ଧାରଣା ଦେଇଛନ୍ତି।

# ଡାକ ସେବକଙ୍କ ଅନାହାର ଧାରଣା

**ବାଲେଶ୍ୱର ଅଫିସ,୧୯।୧୨**

ବାଲେଶ୍ୱର ସହଦେବଖୁଣ୍ଟା ଡାକ ଅଧୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ଦିନିକିଆ ଅନାହାର ଧାରଣା ଦିଆଯାଇଥିଲା। ଜିଲା ସଭାପତି ବିଷ୍ଣୁପଦ ପଣ୍ଡା, ସମ୍ପାଦକ ନାରାୟଣ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ୫୦ରୁ ଊର୍ଦ୍ଧ୍ୱ ଡାକସେବକ ଅନାହାର ରହି ଧାରଣାରେ ଯୋଗଦେଇଥିଲେ।

ଡାକ ସେବକମାନଙ୍କୁ ସରକାରୀ ଚାକିରି ମାନ୍ୟତା, ଦରମା ବୃଦ୍ଧି, ବେତନ କମିଟିର ନିର୍ଦ୍ଧାରିତ ଛୁଟିକୁ ମଞ୍ଜୁରି କରାଯିବା, ଗ୍ରୁପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍‌କୁ ୫ଲକ୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯିବା, ଇଏସ୍‌ଆଇର ସୁବିଧା, ବଦଳି ନିୟମ ପରିବର୍ତ୍ତନ, ଅବସରକାଳୀନ ପ୍ରାପ୍ୟ ଶୀଘ୍ର ଯୋଗାଇବା, ବିନା ଟାର୍ଗେଟ୍‌ରେ ଡାକସେବକମାନଙ୍କୁ କାର୍ଯ୍ୟର ସୁଯୋଗ ପ୍ରଦାନ ଦାବିରେ ଏହି ଧାରଣା ଦିଆଯାଇଥିଲା। ଆସନ୍ତା ୨୨ ତାରିଖରେ ସର୍କଲସ୍ତରରେ ଏବଂ ୨୦୨୦ ଫେବୃୟାରୀ ୨୦ ତାରିଖରେ ଜିଲା ଦିଲ୍ଲୀସ୍ଥିତ ଡାକଭବନ ସମ୍ମୁଖରେ ଅନାହାର ଧାରଣା ଦିଆଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଦାବି ପୂରଣ ନ ହେଲେ ଭାରତବର୍ଷରେ କାର୍ଯ୍ୟରତ ୩ଲକ୍ଷରୁ ଊର୍ଦ୍ଧ୍ୱ ଡାକ ସେବକ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଅନୁଷ୍ଠାନ ପକ୍ଷରୁ ଚେତାବନୀ ଦିଆଯାଇଥିବା ଜିଲା ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ସୋର, ୧୯।୧୨(ଡି.ଏନ.ଏ.):** ସୋର ଥାନା ବ୍ରାହ୍ମଣ ସବିରା ରହଣିଆ ଗ୍ରାମର ସତ୍ୟବ୍ରତ ବେହେରା (୨୭) ନାମକ ଯୁବକ ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ. ୯୬/୧୯) ରୁଜୁ କରିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବ।

# ସର୍ବଭାରତୀୟ ମହାବୀର କ୍ରିକେଟ୍: ପ୍ରଥମ ଦିନରେ ପାରାମାଉଣ୍ଟ ସ୍ପୋର୍ଟିଂ ବିଜୟୀ

**ସୋର, ୧୯।୧୨(ଡି.ଏନ୍.ଏ.)**

ସୋର ବ୍ଲକ ବାଗୁଡି ମହାବୀର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୨୧ତମ ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ୟୁ ଆଣ୍ଡ ମି ବାଲେଶ୍ୱରକୁ ହରାଇ ଭୁବନେଶ୍ୱର ପରାମାଉଣ୍ଟ ସ୍ପୋର୍ଟିଂ ବିଜୟୀ ହୋଇଛି। ଏହି ମ୍ୟାଚରେ ବାଲେଶ୍ୱରର ୟୁ ଆଣ୍ଡ ମି ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରୁ ୨୩.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ପରାମାଉଣ୍ଟ ସ୍ପୋର୍ଟିଂ ୨୩.୩ ଓଭରରେ ୫ ଉଇକେଟ୍ ହରାଇ ୧୧୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ମିନାଲ ପରିଡ଼ା ୨୩ ବଲରେ ୩୧ ରନ୍ କରିଥିବା ବେଳେ ୫ ଓଭର ବୋଲିଂ କରି ୧୪ ରନ୍ ଦେଇ ୨ଟି ଉଇକେଟ୍ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଘୋଷିତ ହୋଇଥିଲେ। ଏହି ଖେଳକୁ ବିସିଆଇ ଲେବୁଲ-୧ ଅମ୍ପାୟାର ଦିଲୀପ ସାମଲ ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ। ସୋର ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ବେହେରା ଶାନ୍ତିର ପ୍ରତୀକ ଦୁଇଟିକୁ କପୋତଙ୍କୁ ଉଡାଇଥିଲେ। ବ୍ଲକ ସଭାପତି ଅଖିଳରାମ ଜେନା ପୌରୋହିତ୍ୟ କରିଥିଲେ। ଭାଷ୍ୟକାର ଭାବେ ବାସୁଦେବ ଜେନା ଓ ଯଦୁନାଥ ଜେନା କାର୍ଯ୍ୟନିର୍ବାହ କରିଥିବା ବେଳେ ସୁଦର୍ଶନ ପ୍ରଧାନ, ଅକ୍ଷୟ ଜେନା ଓ ଦେବାଶିଷ ପ୍ରିୟଦର୍ଶୀ ସ୍କୋରର କାର୍ଯ୍ୟ ତୁଲାଇଥିଲେ। ବ୍ଲକ ସମ୍ପାଦକ ବୀରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଶକ୍ତି ଦାସ, ରାଜେନ୍ଦ୍ର ରାଉତ, ସିନ୍ଟୁ ନାୟକ, ହିମାଂଶୁ ଜେନା, ଋତୁରାଜ ସିଂ, ଚିତ୍ତରଞ୍ଜନ ଜେନା, ଜୟକୃଷ୍ଣ ଜେନା, ଆକାଶ ଜେନା, ରାଜକିଶୋର ଦେ, କମଳାକାନ୍ତ ବେହେରା, ମୁରଲୀଧର ଜେନା, ମହେନ୍ଦ୍ର ଦେ, ପୂର୍ଣ୍ଣଚନ୍ଦ୍ର ଜେନା ଓ ମୁକ୍ତିକାନ୍ତ ଜେନା ସହାୟତା କରିଥିଲେ। ଶୁକ୍ରବାର ୟୁନାଇଟେଡ୍ ଇଲେଭେନ୍ ଗଞ୍ଜାମ ସହିତ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ସହିତ ଖେଳ ଅନୁଷ୍ଠିତ ହେବ।

# ନାବାଳିକା ଶ୍ରମିକଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ: ବାଇକ୍, ମୋବାଇଲ ଜବତ

**ରୂପ୍ସା,୧୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଞ୍ଚଳର ଜଣେ ନାବାଳିକା ଶ୍ରମିକଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ସଞ୍ଜିତ କୁମାର ଜେନାଙ୍କୁ ବୁଧବାର ରାତିରେ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ସିଂଲା ଥାନା ଗମ୍ଭାରିଆ ଗ୍ରାମରେ। ତାଙ୍କଠାରୁ ଏକ ବାଇକ୍ (ନଂ. ଓଡ଼ି୦୧ୟୁ-୨୪୧୧) ସହ ମୋବାଇଲ, ସାର୍ଟ, ପ୍ୟାଣ୍ଟ, ସ୍ୱେଟର, ହେଲମେଟ୍ ଆଦି ଜବତ ହୋଇଛି। ଏନେଇ ଏକ ମାମଲା (ନଂ. ୯୮/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ତେଲଙ୍ଗାନା କାମ କରିବାକୁ ଯାଇଥିଲେ। ସେ ଗତ ୧୬ତାରିଖରେ ତେଲେଙ୍ଗାନାରୁ ଟ୍ରେନ୍ ଯୋଗେ ସମ୍ପର୍କୀୟଙ୍କ ସହ ଆସି ବାଲେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ଘରକୁ ଯିବା ପାଇଁ ନାବାଳିକାଙ୍କୁ ସମ୍ପର୍କୀୟ ଦମ୍ପତି ବସ୍‌ଷ୍ଟାଣ୍ଡ ଛାଡି ଯାଇଥିଲେ। ଏହି ସମୟରେ ସେଠାରେ ଥିବା ସଞ୍ଜିତ ନାବାଳିକାଙ୍କୁ ଗାଁ ପାଖରେ ତାଙ୍କ ଘର ବୋଲି କହିଥିଲେ। ବିଶ୍ୱାସ ଜନ୍ମାଇ ବାଇକ୍‌ରେ ନେଇ ଘରେ ଛାଡ଼ି ଦେବ ବୋଲି କହିଥିଲେ। ଏହାପରେ ୨ଜଣ ବାଇକ୍ ଯୋଗେ ଯାଇ ସ୍ଥାନୀୟ ସୁନ୍ଦରଗୁଣ୍ଡି ପେଟ୍ରୋଲପମ୍ପ ପାଖକୁ ଯାଇଥିଲେ। ସଞ୍ଜିତ ସେଠାରେ ଥିବା ଏକ ଏଟିଏମ୍‌ରୁ ଟଙ୍କା ଉଠାଇ ବାଇକ୍‌ରେ ହଳଦୀପଦା ଷ୍ଟେଶନ ପହଞ୍ଚିଥିଲେ। ଜଣକୁ ଦେଖା କରିବା ବାହାନା କରି ଷ୍ଟେଶନରେ ଦୁହେଁ ମସଲା ମୁଢ଼ି ଖାଇଥିଲେ। ସନ୍ଧ୍ୟା ହୋଇଯିବା ପରେ ସଞ୍ଜିତ୍ ଉକ୍ତ ନାବାଳିକାଙ୍କୁ ରୂପ୍ସା ଥାନା ନିକଟ ରାଜପଥ ପାର୍ଶ୍ୱ ବିଲକୁ ନେଇ ବଳାତ୍କାର କରିଥିଲେ। ଏହାପରେ ତାଙ୍କଠାରୁ ମୋବାଇଲ ଓ ୫ଶହ ଟଙ୍କା ନେଇ ଚମ୍ପଟ ମାରିଥିଲେ। ପୀଡ଼ିତା ଜଣକ ସେଠାରୁ ଆସି ରାଜପଥ ପାର୍ଶ୍ୱ ଏକ ଦୋକାନରେ ବସିଥିବା ଜଣେ ପୋଲିସକୁ ଘଟଣା ସମ୍ପର୍କରେ କହିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତ ଯୁବକଙ୍କ ସମ୍ପର୍କରେ ଛାନଭିନ୍ ଆରମ୍ଭ କରିଥିଲା। ଏସ୍‌ଡ଼ିପିଓ ଜଳନ୍ଧର ଜାଲି, ଥାନାଧିକାରୀ ଅଜୟ କୁମାର ମୁର୍ମୁ ପୀଡିତାଙ୍କଠାରୁ ସମସ୍ତ ଘଟଣା ଶୁଣି ସୁନ୍ଦରଗୁଣ୍ଡି ପାଖ ଏଟିଏମ୍‌ର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପାଇବା ପରେ ସେ ବ୍ୟବହାର କରୁଥିବା ମୋବାଇଲ ନମ୍ବର ଟ୍ରାକିଂ କରାଯାଇଥିଲା। ଏହାପରେ ଗମ୍ଭାରିଆ ଗ୍ରାମର ଅଭିଯୁକ୍ତ ଘରେ ପୋଲିସ ଚଡ଼ାଉ କରି ସଞ୍ଜିତଙ୍କୁ ଗିରଫ କରିବା ପରେ ସେ ସବୁ ଘଟଣା ମାନିଯାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ସିଂଲା ଓ ମୁରୁଡ଼ା ଥାନାରେ ବିଭିନ୍ନ ମାମଲା ରହିଥିବା ପୋଲିସ କହିଛି। ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ପୋକ୍ସୋ କୋର୍ଟରେ ପୀଡ଼ିତାଙ୍କ ୧୬୪ ଧାରାରେ ବୟାନ ରେକର୍ଡ ପରେ ଗୁରୁବାର ତାଙ୍କୁ ବାପାଙ୍କ ଜିମାରେ ଛଡ଼ାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ ଧାରା ୩୭୩(୩), ୫୦୬ ଆଇପିସି, ୬ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ. ୯୮/୧୯) ରୁଜୁ ହୋଇଛି।

## ସିସିଟିଭି ଫୁଟେଜରୁ ମିଳିଲା ସୁରାକ

# ସ୍ତ୍ରୀ ନିର୍ଯାତନା ମାମଲା: ସ୍ୱାମୀ, ଶ୍ୱଶୁର ଗିରଫ

**ରୂପ୍ସା, ୧୯।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍ସା ଥାନା ଓଡ଼ିଆଶାସନ ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ପୋଲିସ ବୁଧବାର ରାତିରେ ଚଢ଼ାଉ କରି ତାଙ୍କ ସ୍ୱାମୀ ଜଲାଲ ଖାଁ ଓ ଶ୍ୱଶୁର ସତାର ଖାଁଙ୍କୁ ଗିରଫ କରିଛି। ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଉଭୟ ସ୍ୱାମୀ ଓ ଶ୍ୱଶୁର ଫେରାର ଥିଲେ।

ଗତ ୨୦୦୩ରେ ଉକ୍ତ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେହିଦିନଠାରୁ ମାମଲା କୋର୍ଟର ବିଚାରାଧୀନ ଥିଲା। ଓଆଇସି ଅଜୟ କୁମାର ମୁର୍ମୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଫେରାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଥିଲା।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୦୪.୦୧.୨୦୨୦ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୦୭.୦୧.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖୁଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ମିର୍‌ଗାନଗୁଡା ଶାଖା, ମିର୍‌ଗାନଗୁଡା, ଜିଲ୍ଲା: ନବରଙ୍ଗପୁର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୀମାଞ୍ଚଳ ଗାମ୍ପା, ଫୋନ୍: ୮୦୯୩୫୯୦୭୫୬** | | |
| ୧. | **ବିପିନ ବିହାରୀ ଶତପଥୀ,** ପିତା: ଶରତ ଚନ୍ଦ୍ର ଶତପଥୀ, ସା.: ଏକମ୍ବା, ଥାନା: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୩୧୫୨** | ଟ.୯୮,୬୨୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୪.୮୦୦ |
| ୨. | **ଜି. ଗୋପି କ୍ରୀଷ୍ଣା,** ପିତା: ଜି. ଭାସ୍କର ରାଓ, ସା.: ନିଉ ଟ୍ୟାଙ୍କ ଷ୍ଟ୍ରିଟ୍, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୫୧୭୦** | ଟ.୨,୩୮,୫୫୦/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭୦.୨୦୦ |
| ୩. | **ରଶ୍ମିତା ବୁନ୍ଟୁ,** ସ୍ୱାମୀ: ତୁଷାରକାନ୍ତ ପରିଡା, ସା.: ଗାଦବାଗୁଡା, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୬୪୩୬, ୨୮୪୯୦୬୧୦୦୦୫୮୩୫** | ଟ.୧,୨୬୫/- + ଟ.୨,୮୪,୧୪୭/- ମୋଟ: ଟ.୨,୮୫,୪୧୨/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୫୮୦ |
| | **ମୈତ୍ରୀ ବିହାର ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁବ୍ରତ କୁମାର ନାୟକ, ଫୋନ୍: ୭୬୬୭୫୩୯୨୯୬** | | |
| ୪. | **ଶରତ କୁମାର ପାଣିଗ୍ରାହୀ,** ଫ୍ଲାଟ୍ ନଂ.: ସି-୨୦୬, ବ୍ରାଇଟ୍ ରେସିଡେନ୍ସି, ଜଗନ୍ନାଥ ନଗର, ରୋଡ୍ ନଂ.: ୧୨, ଜିଜିପି କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **୧୮୩୯୦୬୧୦୦୦୯୫୩୬** | ଟ.୧,୭୪,୫୫୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୦୦୦ |
| | **ଛତ୍ରପୁର ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନିଗ୍ଧାରାଣୀ ମଙ୍ଗରାଜ, ଫୋନ୍: ୭୯୭୮୬୩୨୮୫୨** | | |
| ୫. | **ଶ୍ରୀ ଚିତ୍ତ ରଞ୍ଜନ ବେହେରା,** ପିତା: ବିପିନ ଚନ୍ଦ୍ର ବେହେରା, ସା.: ତଡାପଲ୍ଲୀ ଷ୍ଟ୍ରିଟ୍, ପୋ./ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୧୭୬** | ଟ.୯୧,୭୬୫/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୨.୦୦୦ |
| ୬. | **ଅଶ୍ୱିନ କୁମାର ଗୌଡ,** ପିତା: ରମେଶ ଚନ୍ଦ୍ର ଗୌଡ, ସା/ପୋ.: ପୋଡାପଦର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୨୬୮** | ଟ.୬୯,୩୩୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୪୬.୦୦୦ |
| ୭. | **ଦେବରାଜ ନାୟକ,** ପିତା: କମା ନାୟକ, ଗଙ୍ଗାପୁର, ପଟଲାମପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୮୪୯୦** | ଟ.୪୧,୯୪୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୫୦୦ |
| ୮. | **ତ୍ରିନାଥ ପାଲ,** ପିତା: ଶରତ ଚନ୍ଦ୍ର ପାଲ, ସା.: ଶାନ୍ତି ନଗର, ୪ର୍ଥ ଲେନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୭୨୦୨** | ଟ.୧,୩୫,୧୮୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୯୧୦ |
| ୯. | **ଏନ୍. ଶିବ ପ୍ରସାଦ ରାଓ,** ପିତା: ଏନ୍. ଲକ୍ଷ୍ମୀ ନାରାୟଣ ରାଓ, ସା/ପୋ.: ମୋଚି ଷ୍ଟ୍ରିଟ୍, ରିକାପଲ୍ଲୀ, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୩୦୬୭୭** | ଟ.୧୦,୭୧୮/- + ସୁଧ ଓ ଅନ୍ୟାନ୍ୟ ଦେୟ | ୭.୨୦୦ |
| | **ହିଞ୍ଜିଳିକାଟୁ ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଭାଗିରଥୀ ନାୟକ, ଫୋନ୍: ୯୪୩୭୯୭୭୬୮୬** | | |
| ୧୦. | **ବାପୁଜୀ ପାତ୍ର,** ପିତା: ଜବାହର ଲାଲ ପାତ୍ର, ରଘୁପତି ନଗର, ୧ମ ଗେଟ୍, ପାଣିଗ୍ରାହୀପେଣ୍ଟ, ଜିଲ୍ଲା: ଗଞ୍ଜାମ / **୦୪୨୧୦୬୧୦୦୦୬୫୪୨** | ଟ.୩,୩୦,୭୦୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୩୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ **ତା.୦୬.୦୧.୨୦୨୦ରିଖ ଦିନ** କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୧୯** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

## ସଂକ୍ଷେପରେ

### ଧାନକଟା ମେଶିନ ନେଲା ଜୀବନ

ଭଦ୍ରକ ଅଫିସ, ୧୯।୧୨- ନିଜ ବିଲରେ ମେଶିନରେ ଧାନ କାଟୁଥିବାବେଳେ ଗାଡ଼ିର ପଛଚକା ଚଢ଼ିଯିବାରୁ ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବଣିଆ ଗାଁର କୈଳାସ ସ୍ୱାଇଁ(୬୧)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ କୈଳାସଙ୍କୁ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ବ୍ଲକ ଅଧକ୍ଷ ରଘୁନାଥ ଧଳ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ଜଳିଗଲା ଧାନଗଦା

ଭଦ୍ରକ ଅଫିସ, ୧୯।୧୨- ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗାଁର ରମେଶ ସାମଲଙ୍କ ବିଲରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୫ ଏକର ଜମିର ଧାନଗଦା ଜଳିଯାଇଛି। ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଲ ଉପର ଦେଇ ଯାଇଥିବା ସର୍ଭିସ୍‌ୱାଇର ଶଟ୍‌ସର୍କିଟ୍ ଯୋଗୁ ସେଥିରୁ ଧାନଗଦାରେ ନିଆଁ ଲାଗିଥିବା ସୂଚନା ମିଳିଛି।

### 'ଛାତ୍ରୀଛାତ୍ର ଭଲମଣିଷ ହେଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହେବ'

ବାସୁଦେବପୁର, ୧୯।୧୨(ଡି.ଏନ.ଏ.)- ବାସୁଦେବପୁର ବ୍ଲକ ଆରୁହା ପଞ୍ଚାୟତ ବାମାମଣି ତୁଳମତୁଳା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉ.ପ୍ରା. ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପୀ କାର୍ଯ୍ୟକ୍ରମର ଉଦ୍ୟାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଛାତ୍ରୀଛାତ୍ର ଭଲମଣିଷ ହୋଇପାରିଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହେବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଇଓ ଜଗବନ୍ଧୁ ସାହୁ, ସେବାନିବୃତ୍ତ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ରବିନାରାୟଣ ଦାସ, ପୂର୍ବତନ ବିଆର୍‌ସିସି ସୁରେନ୍ଦ୍ର ପ୍ରସାଦ ବେଜ, ବାମାମଣି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ଶରତ ପାଣିଗ୍ରାହୀ, ସରପଞ୍ଚ କଳ୍ପନାରାଣୀ ସାହୁ, ସମିତିସଭ୍ୟ ପ୍ରତିନିଧି ପ୍ରଦୀପ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ ଏବଂ ମୁଖ୍ୟବକ୍ତା ଭାବେ ପୀତାମ୍ବର ମିଶ୍ର ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ ଓ ଦାମୋଦର ମହାରଣା ମଞ୍ଚ ପରିଚାଳନା କରିଥିଲେ। ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାୟାଧର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦୁଇ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ସତ୍ୟନାରାୟଣ ବେହେରା ଓ ମାନଭଞ୍ଜନ ବେହେରା ଉପସ୍ଥିତ ଥିଲେ।

# ସହରବାସୀଙ୍କୁ ଘାରିଛି ସୁରକ୍ଷା ଚିନ୍ତା

■ଭଦ୍ରକରେ ରାଜ୍ୟ ବାହାର ବେପାରୀଙ୍କ ଭିଡ଼
■ପୋଲିସ ପାଖରେ ରହୁନି ସମ୍ପୂର୍ଣ୍ଣ ତଥ୍ୟ

ଭଦ୍ରକ ଅଫିସ, ୧୯।୧୨

ଭଦ୍ରକ ସହର ଏକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ। ବିଭିନ୍ନ ଜିଲା ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଏଠାକୁ ଆସି ବ୍ୟବସାୟ କରିବାକୁ ପସନ୍ଦ କରିଥାନ୍ତି। ସହରର ଚରମ୍ପା ଷ୍ଟେଶନଠାରୁ ଆରମ୍ଭ କରି ଗେଲପୁର ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଏବେ ବାହାର ରାଜ୍ୟର ବ୍ୟବସାୟୀଙ୍କ ଭିଡ଼। ଭଦ୍ରକ ସହରରେ ଏହି ବ୍ୟବସାୟୀମାନେ ଭଡ଼ାରେ ରହି ବ୍ୟବସାୟ କରୁଛନ୍ତି। କିନ୍ତୁ ଏହି ଭଡ଼ାଟିଆମାନଙ୍କ ଠିକଣା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପୋଲିସ ପାଖରେ ରହୁ ନ ଥିବା ଅଭିଯୋଗ ହେଉଛି। ଫଳରେ ସହର ବାସିନ୍ଦା ସେମାନଙ୍କ ସୁରକ୍ଷା ଚିନ୍ତା ପ୍ରକଟ କରିଛନ୍ତି। ଅପରାଧ ଘଟଣା ଘଟିବା ପୂର୍ବରୁ ପୋଲିସ ରାଜ୍ୟ ବାହାରର ବ୍ୟବସାୟୀଙ୍କ ଠିକଣା ଖୋଜି ବାହାର କରିବା ଆବଶ୍ୟକ ବୋଲି ସହରର ସଚେତନ ନାଗରିକମାନେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏଠାରେ ବହୁ କମ୍ ଦରରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ଏଥିପାଇଁ ସେମାନେ ସହରର ବିଭିନ୍ନ ଅଞ୍ଚଳରେ ଭଡ଼ାରେ ରହିଆସୁଛନ୍ତି। କେଉଁ ଘର ମାଲିକଙ୍କ ଘରେ ରାଜ୍ୟ ବାହାରର ଏହିଭଳି ବ୍ୟବସାୟୀମାନେ ରହୁଛନ୍ତି ତାହାର ଠିକ୍ ଠିକଣା ସ୍ଥାନୀୟ ଥାନାରେ ରହିବା କଥା। କିନ୍ତୁ ସେ ସମ୍ପର୍କରେ କୌଣସି ତଥ୍ୟ ଥାନାରେ ନାହିଁ। ଭଡ଼ାଟିଆଙ୍କ ଠିକଣା ପୋଲିସ ପାଖରେ ରହୁ ନ ଥିବାରୁ ଅନେକ ସମୟରେ ଅପରାଧ ଘଟାଇ ଅପରାଧୀମାନେ ଘର ଛାଡ଼ି ଫେରାର ହୋଇଯାଉଥିବା ନଜିର ରହିଛି। ଭଦ୍ରକ ସହରରେ ୨୦୧୬ ଫେବୃୟାରୀ ୨୮ରେ ସିମି ଆତଙ୍କବାଦୀମାନେ ଭଡ଼ାରେ ରହି ସେମାନଙ୍କ ନେଟ୍‌ୱର୍କ ଚଳାଇଥିବାର ମଧ୍ୟ ପ୍ରମାଣ ମିଳିଛି। ୫ ଆତଙ୍କବାଦୀଙ୍କ ବିଷୟରେ ତିଳେମାତ୍ର ସୁରାକ୍ ପାଇପାରି ନ ଥିଲେ ସାହି ପଡ଼ୋଶୀ। ଗିରଫ ଆତଙ୍କବାଦୀମାନେ ସାର କମ୍ପାନୀରେ ଚାକିରି କରୁଥିବା ଓ କାଠ କାମ କରୁଥିବା ନେଇ ପରିଚୟ ଦେଇ ଭଡ଼ାରେ ରହୁଥିଲେ। ସନ୍ଥିଆ ପୋଲଠାରୁ ମାତ୍ର ୩୦ ମିଟର ଦୂରରେ ସେମାନେ ଦୀର୍ଘ ମାସ ରହି ସେମାନଙ୍କ ନେଟ୍‌ୱର୍କ ଚଳାଇଥିଲେ। ସେଠାରୁ ମାତ୍ର ୨୦ ମିଟର ଦୂରରେ ଥିବା ଏକ ସ୍ଥାୟୀ ପୋଲିସ କ୍ୟାମ୍ପ ସେମାନଙ୍କ ସମ୍ପର୍କରେ ଜାଣିପାରି ନ ଥିଲା। ଘଟଣା ଘଟିବା ପରେ ପୋଲିସ ଭଡ଼ାଟିଆଙ୍କ ଠିକଣା ଖୋଜିଥିଲା। କିନ୍ତୁ ସେଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା। ଫଳରେ ବହୁ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଏଠାରେ ଭଡ଼ାରେ ରହୁଥିବା ରାଜ୍ୟ ବାହାରର ଅନେକ ଗୁପ୍‌ଚୁପ୍ ବ୍ୟବସାୟୀ ଗିରଫ ହେଉଥିବା ନଜରକୁ ଆସିଛି। କେତେକ କ୍ଷେତ୍ରରେ ଦିନରେ ଫେରି କରି ରାତିରେ ଚୋରି କରୁଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜାଣିବାକୁ ମିଳିଛି।

ଗରଦପୁର ଅଞ୍ଚଳର ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ର ବାହାର ରାଜ୍ୟର ଭଡ଼ାଟିଆଙ୍କ ଠିକଣା ଓ ସବିଶେଷ ତଥ୍ୟ ପୋଲିସ ନିକଟରେ ରହିବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଆବଶ୍ୟକ ବୋଲି କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ରାଜ୍ୟ ବାହାର ଲୋକେ ସହରରେ ଭଡ଼ାରେ ରହିଲେ ଘର ମାଲିକ ଭଡ଼ାଟିଆଙ୍କ ସମ୍ପୂର୍ଣ୍ଣ ଠିକଣା ଓ ବିବରଣୀ ନିକଟସ୍ଥ ଥାନାରେ ଅବଗତ କରାଇବା କଥା। କିନ୍ତୁ ଏଥିପ୍ରତି ପୋଲିସ ଅଧିକ ସଚେତନ ହେବା ଦରକାର ବୋଲି ଆଇନଜୀବୀ ଗଦାଧର ବଳ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ସରୋଜିନୀ ସିଂଙ୍କୁ ପଚାରିବାରୁ କହିଛନ୍ତି, କେତେଜଣ ଭଡ଼ାଟିଆଙ୍କ ଠିକଣା ସମ୍ପର୍କରେ ପୋଲିସ ଅବଗତ। ଏଥିପ୍ରତି ଘର ମାଲିକ ଅଧିକ ସଚେତନ ହେବା ସହ ଥାନାରେ ସେମାନଙ୍କ ଠିକଣା ଜଣାଇବା ଉଚିତ ବୋଲି ସେ କହିଛନ୍ତି।

## ବ୍ଲକ ଅଫିସ୍ ଘେରିଲା ମହିଳା ମହାସଂଘ


ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ମହିଳା ମହାସଂଘର କର୍ମକର୍ତ୍ତା।

ଚାନ୍ଦବାଲି,୧୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାଲିଗାଁ ଶକ୍ତିମୟୀ ମହିଳା ମହାସଂଘର କେତେଜଣ ପୂର୍ବତନ କର୍ମକର୍ତ୍ତା ଓ ସଭ୍ୟ ଗୁରୁବାର ଚାନ୍ଦବାଲି ବ୍ଲକ ଅଫିସ ଘେରାଉ କରିଥିଲେ। ସଂଘର ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ୫ଦଫାର ଦାବିପତ୍ର ପ୍ରଦାନ କରିଛନ୍ତି। ମହାସଂଘର ଅର୍ଥ ଆତ୍ମସାତ୍ କରାଯାଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଆନ୍ଦୋଳନକାରୀ ମହିଳାମାନେ ଦାବି କରିଛନ୍ତି। ଘେରାଉ ବେଳେ ବ୍ଲକ ଅଫିସ୍‌ରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ସୂଚନାଥାଉ କି, ୨୦୧୬ରେ ଏହି ମହାସଂଘର ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ କରାଯାଇଥିଲା। ସେତେବେଳେ ଏହି ଘଟଣାକୁ ନେଇ ମହିଳାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ଚାନ୍ଦବାଲି ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଫଳରେ ବିଡିଓଙ୍କ ନିର୍ଦ୍ଦେଶରେ ମହାସଂଘର କାର୍ଯ୍ୟାଳୟକୁ ସିଲ୍ କରି ଦିଆଯାଇଥିଲା। ପରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ମହାସଂଘର ନୂତନ କାର୍ଯ୍ୟକର୍ତ୍ତା ନିଯୁକ୍ତ ହୋଇଥିଲେ। ପୁଣି ଏବେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ସଂଘର ପୂର୍ବତନ କର୍ମକର୍ତ୍ତା। ମହିଳାଙ୍କ ଅଭିଯୋଗ ପରେ ଚାନ୍ଦବାଲି ବିଡିଓ ଗୁରୁତ୍ୱର ସହ ନେଇ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଦୁର୍ନୀତି ନିବାରଣ ବିଭାଗକୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

## ୨ୟ ଦିନରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ


ମହୋତ୍ସବରେ ପରିବେଷିତ ନୟାଗଡ଼ ଜିଲାର ଲୋକନୃତ୍ୟ।

ଭଦ୍ରକ ଅଫିସ, ୧୯।୧୨

ଭଦ୍ରକରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଗୁରୁବାର ଥିଲା ୨ୟ ଦିବସ। ଏଥିପାଇଁ ନେହେରୁ ଷ୍ଟାଡିୟମ, ଶହୀଦ ସ୍ମୃତି ଭବନ, ସଂସ୍କୃତି ଭବନ ଚଳଚଞ୍ଚଳ ହୋଇଉଠିଥିଲା। ପୂର୍ବାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟାଉନହଲ ପରିସରରେ ପୂର୍ବାହ୍ଣରେ ହେବାକୁ ଥିବା ନାଟକ ପ୍ରତିଯୋଗିତା ଅପରାହ୍ଣରେ ଆରମ୍ଭ ହୋଇଥିବା ବେଳେ ସେଠାରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଟାଉନହଲ୍‌ରେ ସାଉଣ୍ଡ ଓ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ଜିଲାରୁ ଆସିଥିବା ଯୁବ କଳାକାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭଡ଼ାରେ ସାଉଣ୍ଡ ବ୍ୟବସ୍ଥା କରାଯାଇ ପ୍ରତିଯୋଗିତା ହୋଇଥିଲା। ସେହିଭଳି ସଂସ୍କୃତି ଭବନ ତଳମହଲାରେ ଗିଟାର୍, ବଂଶୀ ଓ ସୀତାର, ଉପରମହଲାରେ ଓଡ଼ିଶୀ ନୃତ୍ୟ, ଜିଲା ସ୍କୁଲ ପରିସରରେ ହିନ୍ଦୁସ୍ଥାନୀ ଏବଂ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ, ଷ୍ଟାଡିୟମ ପରିସରରେ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଷ୍ଟାଡିୟମରେ ୪ ଜଣ, ସଂସ୍କୃତି ଭବନରେ ୬, ଶହୀଦ ସ୍ମୃତି ଭବନରେ ୩, ଜିଲା ସ୍କୁଲରେ ୨ ମୋଟ ୧୫ ଜଣ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଲାର ବଛା ବଛା ଅଧିକାରୀଙ୍କୁ ସମସ୍ତ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହିଭଳି ଶୁକ୍ରବାର ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଆଜିଠୁ ଆରମ୍ଭ ଧାନ କିଣା

ଚାନ୍ଦବାଲି, ୧୯।୧୨ (ଡି.ଏନ.ଏ.)- ୨୦୧୯-୨୦ ଖରିଫ ଋତୁ ପାଇଁ ଶୁକ୍ରବାରଠାରୁ ସରକାରୀ ଦରରେ ଚାନ୍ଦବାଲି ବ୍ଲକର ସମସ୍ତ ଅଞ୍ଚଳରେ ଧାନକ୍ରୟ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ସରିଛି। ଚାନ୍ଦବାଲି ବ୍ଲକର ୨୧ଟି ସେବା ସମବାୟ ସମିତି, ସୁନ୍ଦରପୁର ଏବଂ ଓଳଗ ମହିଳା ମହାସଂଘ ପକ୍ଷରୁ ଏହି ଧାନକ୍ରୟ କରାଯିବ। ଆସନ୍ତା ମାର୍ଚ୍ଚ ୩୧ ଯାଏ ଧାନ କିଣାଯିବ। ଧାନର ମାନ ନିର୍ଦ୍ଧାରଣ ପାଇଁ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପକ୍ଷରୁ କ୍ରୟକେନ୍ଦ୍ରକୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ସେବା ସମବାୟ ସମିତିର ସମ୍ପାଦକମାନେ ଆର୍‌ଏମ୍‌ସି କାର୍ଯ୍ୟାଳୟରୁ ଏହି ଯନ୍ତ୍ର ଗ୍ରହଣ କରିଛନ୍ତି। ଚାଷୀମାନେ ନିଜର ବଳକା ଧାନକୁ ସେମାନଙ୍କ ନିକଟସ୍ଥ ସରକାରୀ ଧାନକ୍ରୟ କେନ୍ଦ୍ରରେ ବିକ୍ରି କରିବାକୁ ଆର୍‌ଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ଏହି ବ୍ଲକରେ ପ୍ରାୟ ୩୩ ହଜାର ହେକ୍ଟରରେ ଧାନଚାଷ ହୋଇଥିବାବେଳେ ଗତ ନଭେମ୍ବରରେ ବୁଲ୍‌ବୁଲ ବାତ୍ୟା ପ୍ରଭାବରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ଅଞ୍ଚଳରେ ଜମିରେ ବର୍ଷାପାଣି ଜମି ରହିବାରୁ ଧାନ ଅମଳରେ ବିଳମ୍ବ ହୋଇଛି। କୃଷି ଶ୍ରମିକଙ୍କ ଅଭାବ ଓ ମଜୁରୀ ବୃଦ୍ଧି କାରଣରୁ ପ୍ରାୟ ସମସ୍ତ ଅଞ୍ଚଳରେ କମ୍ବାଇନ ହାର୍ଭେଷ୍ଟର ଯନ୍ତ୍ରରେ ଧାନକଟା ଚାଲିଛି।

## ବାସୁଦେବପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ

# ଗଠନମୂଳକ ଖବର ପରିବେଷଣକୁ ଗୁରୁତ୍ୱ


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପ୍ରେସ୍ କ୍ଲବ ସଦସ୍ୟମାନେ।

ପଦ୍ମପୁର, ୧୯।୧୨(ଡି.ଏନ୍.ଏ.)

ବାସୁଦେବପୁର ପ୍ରେସ କ୍ଲବର ୧୫ତମ ବାର୍ଷିକ ଉତ୍ସବ ନୀଳମଣି ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କ୍ଲବର ସଭ୍ୟମାନେ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟଠାରୁ ବାଲିନଗର ତାରିଣୀଛକ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ। ଏହାପରେ ଅନୁଷ୍ଠିତ ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଭାଗୀରଥି ବଳ। ବିଡିଓ ପ୍ରଣବ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟାଉନହଲଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ କ୍ଲବ ପକ୍ଷରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ଅଞ୍ଚଳର ୧୦ ଜଣ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

ନୀଳମଣି ଟାଉନହଲରେ ଆୟୋଜିତ ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଏବଂ ମୁଖ୍ୟବକ୍ତା ଭାବେ ଡ. ନରହରି ବେହେରା ଯୋଗ ଦେଇଥିଲେ। ସଭାପତି ରମାକାନ୍ତ ବାରିକ ସଭାପତିତ୍ୱ ଓ ସମ୍ପାଦକ ନିରୋଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ରଞ୍ଜନ ନାୟକ ମଞ୍ଚରେ ସଂଯୋଜନା କରିଥିବାବେଳେ ସହସମ୍ପାଦକ ବୈଲୋଚନ ସାହୁ ଅତିଥି ପରିଚୟ ଦେଇଥିଲେ। ଖବରଦାତାମାନେ ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ କରିବା, ସମାଜର ଗରିବ, ଅବହେଳିତ ଲୋକଙ୍କ ଉନ୍ନତି ଲାଗି ସରକାରଙ୍କ ବିକାଶମୂଳକ ଯୋଜନାର ବାର୍ତ୍ତା ପହଞ୍ଚାଇବା ସହ ଗଠନମୂଳକ ଖବର ପରିବେଷଣ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କ୍ଲବର ଉପସଭାପତି ସତ୍ୟକାନ୍ତ ନାୟକ, କିରିଟି ଦାସ, ଗୌତମ ଦେ, କାର୍ଯ୍ୟକାରୀ ସଭାପତି କାଳିପଦ ରାୟ, ଲକ୍ଷ୍ମୀକାନ୍ତ ନାଥ, ଅମର ନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଉତ୍ସବରେ ଅଞ୍ଚଳର ପ୍ରଥମ ଖବରକାଗଜ ବିତରକ ଓ ଖବରଦାତା ମନ୍ଦରଧର ମହାପାତ୍ର, ପ୍ରେସ କ୍ଲବର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ମମତା ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚୋରାମଦ ବୋଝେଇ ଗାଡ଼ି ଜବତ: ଡ୍ରାଇଭର ଗିରଫ

ଭଦ୍ରକ ଅଫିସ, ୧୯।୧୨

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ରାତିରେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋଡ଼ଙ୍ଗା ଗ୍ରାମରୁ ଚୋରାମଦ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଏଥିସହ ଡ୍ରାଇଭର ତୋଡ଼ଙ୍ଗା ଗ୍ରାମର ବିଜୟ କୁମାର ଜେନାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏହି ଟିମ୍ ବାଲେଶ୍ୱରରୁ ଏକ ଭ୍ୟାନ୍‌ରେ ବିପୁଳ ପରିମାଣର ଚୋରାମଦ(ଆସ୍କାଫଟି) ବୋଝେଇ କରି ଆସୁଥିବା ଖବର ପାଇଥିଲେ। ବାରିକପୁର ତୋଡ଼ଙ୍ଗା ଛକ ନିକଟରେ ଟିମ୍ ଉକ୍ତ ଗାଡ଼ିକୁ ଜବତ କରିଥିଲା। ଭଦ୍ରକ ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼ଙ୍କ ନେତୃତ୍ୱରେ ପ୍ରହ୍ଲାଦ ସାମଲ, ନନ୍ଦୁ ନାୟକ, ପରେଶ ଚନ୍ଦ୍ର ଟୁଡୁ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ।

## ଚାରିବାଟିଆରେ ଗାନ୍ଧୀ ସ୍ମୃତି ସମାରୋହ

ଭଦ୍ରକ ଅଫିସ, ୧୯।୧୨

ବାସୁଦେବପୁର ବ୍ଲକ ଚାରିବାଟିଆ ଗ୍ରାମକୁ ୯୨ ବର୍ଷ ପୂର୍ବେ ଜାତିର ପିତା ମହାତ୍ମା ଗାନ୍ଧୀ ଆସିଥିଲେ। ଏହି ଅବସରରେ ଗାନ୍ଧୀ ସ୍ମୃତି ରକ୍ଷା କମିଟି ପକ୍ଷରୁ ଚାରିବାଟିଆରେ ଗାନ୍ଧୀ ସ୍ମୃତି ସମାରୋହ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ରାଧାଶ୍ୟାମ ଦାସ ଗାନ୍ଧୀପୀଠରେ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ସେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ, ଚାରିବାଟିଆ ଗାଁ ବାସୁଦେବପୁର ପାଇଁ ଗର୍ବ ଓ ଗୌରବ। ଗାନ୍ଧିଜୀ ଏଠାକୁ ଡିସେମ୍ବର ୧୬ ତାରିଖରେ ଆସି ୩ ଦିନ ରହିଥିଲେ। ଛାତ୍ରୀଛାତ୍ର, ଯୁବ ସମାଜ ଗାନ୍ଧୀଙ୍କ ଅହିଂସା ମାର୍ଗକୁ ଆପଣେଇ ନେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ହେବ। ଗାନ୍ଧୀଙ୍କ ସ୍ମୃତି ରକ୍ଷା ଲାଗି ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଅନ୍ୟତମ ଅତିଥି ଭାବେ ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପଦ୍ମଆ ସରପଞ୍ଚ ଦୀନବନ୍ଧୁ ଦାସ, ଧନେଶ୍ୱର ରାଉତ ଏବଂ ମୁଖ୍ୟବକ୍ତା ଶିକ୍ଷାବିତ୍ ମଥୁରା ମୋହନ ବେହେରା ଯୋଗଦେଇଥିଲେ। କମିଟି ସମ୍ପାଦକ ନିରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ରତ୍ନାକର ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

## ବ୍ୟବସାୟିକ ଅନ୍ତର୍ଦ୍ୱନ୍ଦ୍ୱ ହତ୍ୟାକାଣ୍ଡର ମୁଖ୍ୟ କାରଣ

ତିହିଡ଼ି, ୧୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଜାମଯୋଡ଼ି ପଞ୍ଚାୟତ ଅମୃତପୁର ଗ୍ରାମର ରତ୍ନାକର ଖୁଣ୍ଟିଆ ନାମକ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମୃତପୁର ଗ୍ରାମର ଅଣବିନ୍ଦୁ ମହାନ୍ତି(୨୧)। ବ୍ୟବସାୟିକ ଅନ୍ତର୍ଦ୍ୱନ୍ଦ୍ୱ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।


ଗିରଫ ଅଭିଯୁକ୍ତ ଅଣବିନ୍ଦୁ।

ପୋଲିସ ସୂଚନା ଅନୁଯାୟୀ, ରତ୍ନାକର ଏବଂ ଅଣବିନ୍ଦୁ ଧାନକଟା ମେଶିନ୍ ଆଣି ବ୍ୟବସାୟ କରୁଥିଲେ। ଏହାଛଡ଼ା ରତ୍ନାକରଙ୍କର ବାଲି ଚିପ୍‌ସ ବ୍ୟବସାୟ ଥିଲା। ତାଙ୍କ ବ୍ୟବସାୟ ଉନ୍ନତିରେ ଅଣବିନ୍ଦୁ ଈର୍ଷା ପରାୟଣ ହୋଇପଡ଼ିଥିଲେ। ଧାନକଟା ମେଶିନ ଭଡ଼ାକୁ ନେଇ ମଧ୍ୟ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଗତ ୭ ତାରିଖ ଅପରାହ୍ଣରେ ସେମାନେ ବକେୟା ଟଙ୍କା ଆଦାୟ କରିବାକୁ ଦୁଇଟି ବାଇକ୍‌ରେ ଘଣ୍ଟେଶ୍ୱର ବଜାରକୁ ଯାଇଥିଲେ। ପରେ ସେମାନେ ଅଣବିନ୍ଦୁଙ୍କ ବାଇକ୍‌ରେ ଆଉ ଏକ ଧାନକଟା ମେଶିନ ପାଇଁ ତିହିଡ଼ିକୁ ଆସିଥିଲେ। ସେଠାରେ ରତ୍ନାକର ଶୌଚ ପାଇଁ ଯିବାକୁ କହିବାରୁ ଉଭୟ ଏକ ପରିତ୍ୟକ୍ତ ସ୍ଥାନକୁ ଯାଇଥିଲେ। କିନ୍ତୁ ସେଠାରେ ବାଇକ୍‌ରୁ ଓହ୍ଲାଇବା ପରେ ଉଭୟଙ୍କ ମଧ୍ୟରେ ଭଡ଼ା ଟଙ୍କାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଅଣବିନ୍ଦୁ ସେଠାରେ ପଡ଼ିଥିବା ଏକ ରଶି ଆଣି ରତ୍ନାକରଙ୍କ ବେକକୁ ପଛପାଖରୁ ଭିଡ଼ି ଧରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ମୃତଦେହକୁ ନେଇ ସେହି ପରିତ୍ୟକ୍ତ ଘରେ ଶୁଆଇ ଦେଇଥିଲେ। ଆଙ୍ଗୁଳି ଚିହ୍ନ ଯୋଗୁ ଧରାପଡ଼ିବା ଆଶଙ୍କାରେ ସେ ମୃତଦେହରୁ ପ୍ୟାଣ୍ଟସାର୍ଟ ଖୋଲି ନେଇଥିଲେ। ଏଥିସହ ରତ୍ନାକରଙ୍କ ମୋବାଇଲକୁ ଭାଙ୍ଗି ଦେଇ ଚପଲ ଓ ମନିପର୍ସ ସହ ନିକଟସ୍ଥ ବୁଦା ଭିତରକୁ ଫିଙ୍ଗି ଦେଇଥିଲେ। ଅଣବିନ୍ଦୁ ପ୍ୟାଣ୍ଟସାର୍ଟ ନେଇ ତାଙ୍କ ଗ୍ରାମ ନିକଟସ୍ଥ ନଈକୁ ଫିଙ୍ଗି ଦେଇଥିଲେ। ପରେ ଘଟଣାସ୍ଥଳରେ ଗାମୁଛା ଛାଡ଼ିଥିବା ମନେ ପଡ଼ିବାରୁ ଅଣବିନ୍ଦୁ ସେଠାକୁ ଯାଇ ଗାମୁଛା ଆଣି ରଶି ଓ ତାକୁ ଦରପୁର ନିକଟସ୍ଥ ନୂଆନଈ କେନାଲ ପାର୍ଶ୍ୱରେ ପୋତି ଦେଇଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ଅଣବିନ୍ଦୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରମେଶ ଚନ୍ଦ୍ର ସିଂ କହିଛନ୍ତି।

# ଅନୁଦାନର ବିନିଯୋଗ ନିରୀକ୍ଷଣ କଲେ କେନ୍ଦ୍ରୀୟ ଟିମ୍

ଭଣ୍ଡାରିପୋଖରୀ/ଧାମନଗର, ୧୯।୧୨ (ଡି.ଏନ.ଏ.)-


କେନ୍ଦ୍ରୀୟ ଟିମ୍ ଭଣ୍ଡାରିପୋଖରୀ ନିର୍ଗୁଣ୍ଡି ଅଞ୍ଚଳ ବୁଲି ଦେଖୁଛନ୍ତି।

କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ଗୁରୁବାର ଏଡବ୍ଲ୍ୟୁଏଡିଏଚ୍ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା କେନ୍ଦ୍ରୀୟ ଏଡବ୍ଲ୍ୟୁଏଡିଏଚ୍ ସଂସ୍ଥାର ଏକ ଟିମ୍ ଭଣ୍ଡାରିପୋଖରୀ ଅଞ୍ଚଳ ବୁଲି ନିରୀକ୍ଷଣ କରି ଫେରିଛନ୍ତି। ଏଡବ୍ଲ୍ୟୁଏଡିଏଚ୍ ପ୍ରୋଜେକ୍ଟ ଅଧିକାରୀ ଅମ୍ବିକା ପ୍ରସାଦ ବର୍ମା, ଏପିଡି ପ୍ରହ୍ଲାଦ ରଣା, ଦେବେନ୍ଦ୍ର ପାଣ୍ଡବ ଓ ସାମାଜିକ ସୁରକ୍ଷା ଅଧିକାରୀ ଅମର ସାହୁ କେନ୍ଦ୍ରୀୟ ଯୋଜନା ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା, ଏନ୍‌ଆର୍‌ଇଜିଏସ୍, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ସ୍ୱୟଂସହାୟିକା ଗୋଷ୍ଠୀ, ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ, ସୌଭାଗ୍ୟ ଯୋଜନା, ଜବ୍‌କାର୍ଡ, ଶୌଚାଳୟ ଆଦି ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ଏନ୍‌ଆର୍‌ଇଜିଏସ୍ ଓ ଜବ୍ କାର୍ଡଧାରୀ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କେନ୍ଦ୍ରୀୟ ଅନୁଦାନରେ ଆସୁଥିବା ଅର୍ଥରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅଧିକାରୀ ପଚାରି ବୁଝିଥିଲେ। କେନ୍ଦ୍ରୀୟ ଟିମ୍ ବ୍ଲକର ନିର୍ଗୁଣ୍ଡି ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମ ପରିଦର୍ଶନ କରି ପଞ୍ଚାୟତ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ବିଡିଓ ବନମାଳୀ ତରାଇ, ସରପଞ୍ଚ ନମିତା ପାତ୍ର, କନିଷ୍ଠଯନ୍ତ୍ରୀ ଦିବାକର ସାହୁ, ହୃଦାନନ୍ଦ ଜେନା, ସରୋଜିନୀ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବ ମିଶ୍ର, ବାବାଜୀ ଚରଣ ଜେନା, ସନ୍ତୋଷ ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ପରେ ଏହି ଟିମ୍ ଅପରାହ୍ଣରେ ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ କଣ୍ଟାପାରୀ ଗ୍ରାମରେ ପହଞ୍ଚିଥିଲେ। ଏନ୍‌ଆର୍‌ଇଜିଏସ୍, ଭତ୍ତା ଏବଂ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କାର୍ଯ୍ୟର ସମୀକ୍ଷା କରିବା ସହିତ ହିତାଧିକାରୀଙ୍କୁ ଭେଟି ଅନୁଦାନର ଠିକ୍ ବିନିଯୋଗ ନେଇ ତଦନ୍ତ କରିଥିଲେ। ଜିଲା ଏପିଡି ପ୍ରହଲ୍ଲାଦ ରଣା, ବିଡିଓ ଦୁର୍ଗାଚରଣ ମୁର୍ମୁ ଓ ସିଇଓ ଦେବେନ୍ଦ୍ର ନାୟକ ଏହି ଟିମ୍‌କୁ ତଦନ୍ତରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହାତୀ ଖାଇଗଲେ ପରିବା ଫସଲ

**ପାଟଣା,୧୯।୧୨(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ରେଞ୍ଜ କେନ୍ଦେଇପଶି ବିଟ୍ ଅନ୍ତର୍ଗତ ସାନ ଗମ୍ଭାରିଆ ଗ୍ରାମରେ ବୁଧବାର ରାତିରେ ୧୩ଟିକିଆ ବଣୁଆ ହାତୀ ଚାଷୀଙ୍କ ବାଡ଼ିରେ ପଶି ବ୍ୟାପକ ପନିପରିବା ଖାଇଯାଇଛନ୍ତି। ଉକ୍ତଗ୍ରାମର ପ୍ରଦୀପ ମହାନ୍ତ, ଶରତ ମହାନ୍ତ ଓ କୈଳାସ ମହାନ୍ତଙ୍କ ବାଡ଼ିରେ ପଶି ଫୁଲ କୋବି, ବନ୍ଧା କୋବି, ବିନ ,ବିଲାତି ସହ ଖଳାରେ ଥିବା ଧାନ ମଧ ଖାଇବା ସହ ମାଡିଦଳି ନଷ୍ଟ କରିଦେଇଛନ୍ତି। ଏହି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ ଦାବି କରିଛନ୍ତି। ଏହି ହାତୀ ପଲ ଗୁରୁବାର ସକାଳୁ ଶ୍ୟାମସୁନ୍ଦରପୁର ଦେଇ ସଦର ରେଞ୍ଜ ରଘୁନାଥପୁର ବିଟ୍‌କୁ ଚାଲି ଯାଇଥିବା ପାଟଣା ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି।

### 'ସୁନାଗରିକ ହୋଇ ଦେଶର ନାଁ ରଖିବା ଦରକାର'

**ଢେଙ୍କିକୋଟ, ୧୯।୧୨(ଡି.ଏନ.ଏ.)-** ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହେନାରାଣୀ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲା କାଦଡିହା ଡିଗ୍ରୀ କଲେଜର ଅଧକ୍ଷ ଡ. ଭାଗବତ ଲେଙ୍କା, ସମ୍ମାନନୀୟ ଅତିଥି ଭାବେ ସତ୍ୟ ନାରାୟଣ ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ କୁଳମଣି ମଣ୍ଡଳ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଇଂରାଜି ଶିକ୍ଷକ ପଦ୍ମନାଭ ସାହୁ ସଭା ପରିଚାଳନା କରିଥିଲେ। ଅତିଥିମାନେ ଅଭିଭାଷଣ ମାଧମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପରେ ବହୁ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ପ୍ରତ୍ୟେକ ଛାତ୍ର ଜଣେ ଜଣେ ସୁନାଗରିକ ହୋଇ ଦେଶର ନାଁ ରଖିବାକୁ ସ୍ୱପ୍ନ ଦେଖିବାକୁ କହିଥିଲେ। ବାର୍ଷିକ ବିବରଣୀ ମାଧମରେ ସ୍କୁଲର ବିଭିନ୍ନ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

### ଛଡ଼ାଡିହି ଗ୍ରାମ ରାସ୍ତା ନିର୍ମାଣ ଆରମ୍ଭ

**ରାଇସୁଆଁ,୧୯।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଛଡ଼ାଡିହି ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଗ୍ରାମକୁ ପକ୍କା ରାସ୍ତାଟିଏ ନ ଥିଲା। ଫଳରେ ସ୍ଥାନୀୟ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରୋଗୀ ଏବଂ ପ୍ରସୂତି ମହିଳାମାନଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନିଆଯାଉଥିଲା। ବର୍ଷା ଦିନେ ଗ୍ରାମବାସୀ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଥିଲେ। ଏହି ବିଷୟରେ ଧରିତ୍ରୀରେ ବିକାଶଠାରୁ ବହୁଦୂରରେ ଛଡ଼ାଡିହି ଗ୍ରାମ ଶୀର୍ଷକ ଖବର ପ୍ରସାରିତ ହୋଇଥିଲା। ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଧରିତ୍ରୀକୁ ସାଧୁବାଦ ଜଣାଇଛନ୍ତି।

### ମଇଦାନକେଲ ପଞ୍ଚାୟତରେ ଆବାସ ଯୋଜନା ବାଟବଣା

**ରାଇସୁଆଁ, ୧୯।୧୨ (ଡି.ଏନ.ଏ.)-** ସରକାର ନିରାଶ୍ରୟ ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁପକ୍କା ଘର ଭଳି ଯୋଜନା କରିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ମାନସିକତାର ଅଭାବ ପାଇଁ ବହୁ ଗରିବ ନିରାଶ୍ରୟ ସରକାଙ୍କ ବହୁ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲା ମଇଦାନକେଲ ପଞ୍ଚାୟତରେ ବହୁ ନିରାଶ୍ରୟ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବହୁ ହିତାଧିକାରୀ ମାନେ ଭଙ୍ଗାଦଦରା ଘରେ ରହୁଛନ୍ତି। ଏଥି ପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ପୀଡ଼ିତାଙ୍କୁ କ୍ଷତିପୂରଣ

**କେନ୍ଦୁଝର, ୧୯।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ପୀଡିତାମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଆଇନସେବା ପ୍ରାଧୀକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ର ଏବଂ ପ୍ରାଧୀକରଣର ସଚିବ ବନାଲି ତ୍ରିପାଠୀ ପୋକ୍ସୋ ଓ ମାନବ ଚାଲାଣ ମାମଲାରେ ପୀଡିତାମାନଙ୍କୁ ସର୍ବମୋଟ ୨ଲକ୍ଷ ୭୫ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି।

# କେନ୍ଦୁଝରରେ ମୁଖ୍ୟ ଶାସନ ସଚିବ

## ସମସ୍ୟା ଶୁଣିଲେ, ଖାଦ୍ୟର ମାନ ପରୀକ୍ଷା କଲେ

**କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କେନ୍ଦୁଝର ଜିଲାକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ବ୍ଲକ ଅଞ୍ଚଳରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଅପରାହ୍ନ ପ୍ରାୟ ୨ଟା ୨୫ରେ ନରଣପୁରସ୍ଥିତ ସଦ୍‌ଭାବନା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ଅନଗ୍ରସର ଭିନ୍ନକ୍ଷମ ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଜିଲାପାଳ ଆଶିଷ ଠାକରେଙ୍କ ସହିତ ସେଠାରେ ପହଞ୍ଚି ମାନସିକ ଅନଗ୍ରସର ପିଲାମାନଙ୍କ ସହିତ ମିଶିବା ପରେ ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଓ ତତ୍ତ୍ୱାବଧାରକଙ୍କୁ ପିଲାମାନେ କିପରି ରହୁଛନ୍ତି, କ'ଣ ଖାଉଛନ୍ତି, କିପରି ଯତ୍ନ ନିଆଯାଉଛି ତାହା ପଚାରି ବୁଝିଥିଲେ। ଏତଦ୍‌ବ୍ୟତୀତ ଅନୁଷ୍ଠାନର ଆନୁଷଙ୍ଗିକ ଭିତ୍ତିଭୂମି, କିପରି ପରିଚାଳନା କରାଯାଉଛି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସେମାନଙ୍କର ସମସ୍ୟା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରୁଥିବା ଧୂପକାଠିକୁ ମୁଖ୍ୟ ଶାସନ ସଚିବ ଦେଖିବା ସହ ପ୍ରଶଂସା କରିଥିଲେ। ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଗହଣରେ କିଛି ସମୟ କାଟିବା ପରେ ସେଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଖାଇ ଖାଦ୍ୟର ସ୍ୱାଦ ଅତି ଉତ୍ତମ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ଅଚାନକ ପରିଦର୍ଶନ ସତ୍ତ୍ୱେ ଅନୁଷ୍ଠାନର ବାତାବରଣ ଓ ପରିବେଶ ଅତି ଉତ୍ତମ ହୋଇଛି ବୋଲି କହିବା ସହିତ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିକଟରେ ପାଇ ପିଲାମାନଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ।

ବିଭିନ୍ନ ଯୋଜନା ଓ ପ୍ରକଳ୍ପ ବୁଲି ଦେଖିଲୁ। ଚିଫ ସେକ୍ରେଟାରୀ ଅଜିତ ତ୍ରିପାଠୀ ମିଡିଆକୁ ଜଣାଇଛନ୍ତି ଯେ, ଡିଏମଏଫ ଓ ଓମବାର୍ଡସି ଫଣ୍ଡ କିପରି ତ୍ୱରାନ୍ୱିତ ହେବ ଏବଂ ବିଭିନ୍ନ ପ୍ରକଳ୍ପର ଗୁଣାତ୍ମକ କାମ ହୋଇପାରିବ, ଲୋକମାନଙ୍କୁ କିପରି ଅଧିକ ଲାଭ ମିଳିବ ସେ ବିଷୟରେ ସମୀକ୍ଷା ବୈଠକରେ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଆଭିମୁଖ୍ୟ ପୂରଣ ହେବା ସହ ୫ ଟି ରେ କିପରି ଲୋକଙ୍କୁ ଭଲ ସେବା ମିଳିପାରିବ ସେ ନେଇ କାମ କରାଯାଉଛି। ରାସ୍ତା ମରାମତି ଓ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନେବୁ । ରାସ୍ତା ନିର୍ମାଣ ନ ହୋଇ ଟୋଲ ଆଦାୟକୁ ନେଇ ସେ ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିବେ। ବିଶେଷ କରି ବଳାତ୍କାର ଓ ହତ୍ୟା ମାମଲାରେ ୩୦ ଦିନ ମଧ୍ୟରେ ତଦନ୍ତ ଶେଷ ହୋଇ ଚାର୍ଜଶିଟ ଦାଖଲ କରିବାକୁ ସରକାର ଆଦେଶ କରିଛନ୍ତି। ଏଥିପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ସେ କହିଛନ୍ତି।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ

**ଯୋଡ଼ା ୧୯।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଗୁରୁବାର ପୂର୍ବାହ୍ନରେ ଯୋଡ଼ା ସହର ଗସ୍ତ କରି ଯୋଡ଼ା ପୌରପାଳିକାର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବଙ୍କ ସମେତ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟୀ, ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୯.୩୦ ମିନିଟ୍ ସମୟରେ ମୁଖ୍ୟ ଶାସନ ସଚିବ ଅସିତ ପ୍ରଥମେ ଯୋଡ଼ା ପୌରପାଳିକା ପକ୍ଷରୁ ବନେଇକଳାଠାରେ ସ୍ଥାପନ କରାଯାଇଥିବା ଲାଇବ୍ରେରି ଗୃହ ଠାରେ ପହଞ୍ଚି ଗୃହ ପରିଦର୍ଶନ କରିଥିଲେ। ସେଠାରେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଲାଇବ୍ରେରିରେ ରଖାଯାଇଥିବା ବିଭିନ୍ନ ପୁସ୍ତିକା ଏବଂ ଜନସାଧାରଣଙ୍କ ପାଇଁ ଏହି ଲାଇବ୍ରେରିଠାରେ କି ପ୍ରକାର ସୁବିଧା ରହିଛି ସେନେଇ ମୁଖ୍ୟ ଶାସନ ସଚିବଙ୍କୁ ବୁଝାଇ କହିଥିଲେ। ଏହାପରେ ସେ ପୌରପାଳିକା ପକ୍ଷରୁ ବାଟୁ ହଟିଂଠାରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନିର୍ମାଣ ହୋଇଥିବା ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ଓ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ପରିଦର୍ଶନରେ ଯାଇ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ପ୍ରକ୍ରିୟାକରଣର ପ୍ରୟୋଗାତ୍ମକ ଶୈଳୀ ଦେଖି ପୌରପାଳିକାର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହା ପରେ ସେ ବଡ଼ବିଲ ଅଭିମୁଖେ ଗସ୍ତ କରିଥିଲେ।



ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛନ୍ତି।

## ବଡ଼ବିଲରେ ଉଦ୍‌ଘାଟନ କଲେ ଉସୁ ଇନ୍‌ଡୋର ଷ୍ଟାଡିୟମ



ବଡ଼ବିଲରେ ଉସୁ ଇନ୍‌ଡୋର ଷ୍ଟାଡିୟମର ଉଦ୍‌ଘାଟନ କରୁଛନ୍ତି ମୁଖ୍ୟ ଶାସନ ସଚିବ।

**ବଡ଼ବିଲ, ୧୯।୧୨ (ସ୍ୱ.ପ୍ର.)**

ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ବଡ଼ବିଲ ଗସ୍ତକରି ଉସୁ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟନ କରି ବିଭିନ୍ନ ସ୍ଥାନ ବୁଲି ଦେଖିଲେ। ବଡ଼ବିଲ ଅଞ୍ଚଳର ଧୂଳି ପ୍ରଦୂଷଣକୁ ଚିଫ ସେକ୍ରେଟାରୀ ସ୍ୱୀକାର କରିବା ସହ ରୋଡ ନିର୍ମାଣ ସହ ରୋଡର ଉଭୟ ପାର୍ଶ୍ୱରେ ପେଭର ବ୍ଲକ ନିର୍ମାଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ତେବେ ବାଇପାସ ରିଂ ରୋଡ ନେଇ ଗଣମାଧମ ପ୍ରତିନିଧିଙ୍କୁ କୌଣସି ସେପରି ମନ୍ତବ୍ୟ ଦେଇନାହାନ୍ତି।

ଉସୁ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ ଗଣମାଧମ ପ୍ରତିନିଧିଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କହିଥିଲେ ଯେ, କେନ୍ଦୁଝର ଜିଲାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଏହି ସମ୍ପଦ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଶିଳ୍ପ ଗଢିଉଠିଛି। ଏହିସମ୍ପଦରୁ ରାଜ୍ୟ ସରକାର ଯେଉଁ ଲାଭ ପାଉଛି, ତା'ର ଲାଭ ସ୍ଥାନୀୟ ଅଞ୍ଚଳରେ ମଧ ହେବା ଦରକାର। ଡିଏମଫଣ୍ଡ (ଜିଲା ଖଣିଜ ପ୍ରତିଷ୍ଠାନ)ରୁ ବିଭିନ୍ନ ପ୍ରକଳ୍ପ ମଧ ଏହି ଜିଲାରେ ନିଆଯାଇଛି। ବହୁତ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଖଣି ଅଞ୍ଚଳରେ ଦିନସାରା ବୁଲିବା ସହ ସଭା ମଧ କରିବେ ବୋଲି କହିଛନ୍ତି ତ୍ରିପାଠୀ। ସେ ଆହୁରି ମଧ କହିଛନ୍ତି ଯେ, ପାନୀୟଜଳ ଯୋଗାଣ ଯୋଜନା, ରାସ୍ତା ନିର୍ମାଣ ପ୍ରକଳ୍ପ, ତା'ପରେ ଗୋଷ୍ଠୀ ଉନ୍ନୟନ, ୱେଷ୍ଟ ମ୍ୟାନେଜମେଣ୍ଟ ଓ ରି-ପ୍ରୋସେସିଂ, ତା'ସାଙ୍ଗକୁ କ୍ରୀଡ଼ା କାର୍ଯ୍ୟକ୍ରମ କରାଯାଉଛି ଯାହା ଅତି ଉପାଦେୟ କାର୍ଯ୍ୟକ୍ରମ। ଯୁବପିଢ଼ିମାନଙ୍କୁ କ୍ରୀଡ଼ା ମାଧ୍ୟମରେ ଯଦି ଆମେ ମିଶାଇପାରିବା ତେବେ ତାଙ୍କର କ୍ୟାରେକ୍ଟର ଡେଭଲପମେଣ୍ଟ ଓ ପଜିଟିଭିଟି ବଢ଼ିବ। ଆଜିର ଯୁଥ କାଲିର ସିଟିଜେନ। ଉସୁର ଷ୍ଟାଡିୟମ ଏଠି ତିଆରି ହେଲା ଓ ତାହା ବହୁତ ଭଲ କାର୍ଯ୍ୟକ୍ରମ ବୋଲି କହିଛନ୍ତି ତ୍ରିପାଠୀ। ଏଠାରେ ରାସ୍ତା ନିର୍ମାଣ ଦରକାର ଓ ରାସ୍ତା ନିର୍ମାଣ ପାଇଁ ଡିଏମଏଫରୁ ପ୍ରାୟ ୯୦୦ କୋଟି ଟଙ୍କା ୱାର୍କର୍ସ ଡିପାର୍ଟମେଣ୍ଟକୁ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

## ମିରିଗିଶିଙ୍ଗା ପାନୀୟଜଳ ପ୍ରକଳ୍ପ ବୁଲି ଦେଖିଲେ

**ଚମ୍ପୁଆ,୧୯।୧୨(ଡି.ଏନ.ଏ)**

ଓଡ଼ିଶା ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କେନ୍ଦୁଝର ଜିଲା ଗସ୍ତ କ୍ରମରେ ଚମ୍ପୁଆ ବ୍ଲକର କୋଦଗାଡ଼ିଆ ପଞ୍ଚାୟତର ମିରିଗିଶିଙ୍ଗାଠାରେ ନିର୍ମାଣାଧୀନ ବୃହତ୍ ପାନୀୟଜଳ ପ୍ରକଳ୍ପ ବୁଲି ଦେଖିଛନ୍ତି। ସୂଚନାଯୋଗ୍ୟ କି, ଏହି ପ୍ରକଳ୍ପ ଦ୍ୱାରା ଚମ୍ପୁଆ ଯୋଡ଼ା ଓ ଝୁମ୍ପୁରା ବ୍ଲକର ବହୁ ଗାଁ ସୁସ୍ଥ ପାନୀୟଜଳ ପାଇପାରିବେ। ଏହି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ ହେବା ଓ ଏହାର କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ତଦାରଖ କରିଥିଲେ।

# ବନ୍ଧ ନିର୍ମାଣକୁ ବିରୋଧକରି ଜିଲାପାଳଙ୍କୁ ଦାବିପତ୍ର



ବନ୍ଧକୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ମହିଳା।

**କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର.)**

ହରିଚନ୍ଦନପୁର ବ୍ଲକ ଗରଗଡ଼ବାହାଳ ଗ୍ରାମରେ ବନ୍ଧ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି । ମୁଷଳ ନାଳରେ ଗୋଟିଏ ବନ୍ଧ ନିର୍ମାଣ ହୋଇଥିବାବେଳେ ମାତ୍ର ୪୦୦ ମି. ଦୂରରେ ଆଉ ଏକ ବନ୍ଧ ନିର୍ମାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପ୍ରସ୍ତୁତି କରିଛି । ତେବେ ଏହି ବନ୍ଧ ହେଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଏଣୁ ଏହାକୁ ବିରୋଧ କରି ଗ୍ରାମବାସୀମାନେ ଅଭିଯୋଗ କରିଆସୁଛନ୍ତି । ତେବେ ଏହି ବନ୍ଧ ନିର୍ମାଣ କରିବାକୁ ବିଭାଗ ଜିଦ୍ କରୁଥିବାବେଳେ ଗତ ମଙ୍ଗଳବାର ଅନୁଷ୍ଠିତ ପଲ୍ଲିସଭା ପାଖ ଖେଦାପଡା ଗ୍ରାମର ଲୋକମାନେ ନିର୍ମାଣ ନ ହେଲେ ଗଣ୍ଡଗୋଳ କରି ବୋମା ଫୁଟାଇ ଗ୍ରାମକୁ ଧ୍ୱଂସ କରିଦେବେ ବୋଲି କହିବାରୁ ବିବାଦ ମୁଣ୍ଡ ଟେକିଛି । ଏନେଇ ଗ୍ରାମର ମହିଳାମାନେ ଏକଜୁଟ ହୋଇ ଗୁରୁବାର ଆସି ଜିଲାପାଳଙ୍କଠାରେ ଅଭିଯୋଗ କରି ଉକ୍ତ ସ୍ଥାନରେ ବନ୍ଧ ନ କରି ତଳ ମୁଣ୍ଡରେ କରିବାକୁ ଦାବିପତ୍ର ଦେଇଛନ୍ତି। ଆମେ ବନ୍ଧକୁ ବିରୋଧ କରୁନାହୁଁ । ଏଣୁ ଏହା ଆଉ ଟିକେ ଦୂରରେ ତଳ ମୁଣ୍ଡରେ ହେଲେ ସମସ୍ତେ ଉପକୃତ ହୋଇ ପାରିବେ ବୋଲି ମହିଳାମାନେ କହିଛନ୍ତି। ଏହି ସ୍ଥାନରେ ବନ୍ଧ ନିର୍ମାଣ ହେଲେ ପାଖରେ ଥିବା ସ୍କୁଲର ପିଲାମାନେ ପାଣିରେ ଖସିପଡିବା ଆଶଙ୍କା ରହୁଛି । ସେହିପରି ନାଳ ଡେଇଁ ସେମାନେ ଆର ପାଖକୁ ଯାଇ ଜଙ୍ଗଲରୁ କାଠପତ୍ର ଆଦି ଆଣି ଚଳନ୍ତି । ତେବେ ବନ୍ଧ ହେଲେ ସେମାନେ ଆର ପାଖକୁ ଯାଇ ପାରିବେ ନାହିଁ । ଏଣୁ ଗୋଟିଏ ବନ୍ଧ ଥାଉଁ ଥାଉଁ ପାଖରେ ଆଉ ଏକ ବନ୍ଧ ନିର୍ମାଣ କାହିଁକି କରିବାକୁ ମନ ବଳାଉଛନ୍ତି ବୋଲି ସେମାନେ ପ୍ରଶ୍ନ ଉଠାଉଛନ୍ତି। ପାଖରେ ବନ୍ଧ ଓ କେନାଲ ଥିବାରୁ ଚଳିତ ବର୍ଷ ଦୁଇଜଣ ବୁଡି ପ୍ରାଣ ହରାଇଛନ୍ତି । ସେହିପରି ଉକ୍ତ ସ୍ଥାନରେ ଶ୍ମଶାନ ଓ ଗୋଚର ଜମି ରହିଛି । ଏଣୁ ଗାଁ ଓ ସ୍କୁଲ ପାଖରେ ଆଉ ବନ୍ଧ ନିର୍ମାଣ କରିବାକୁ ଦେବୁନାହିଁ ବୋଲି କହିବା ସହ ନିର୍ମାଣ କଲେ ଏହାର ତୀବ୍ର ପ୍ରତିବାଦ ବାଧ ହୋଇ କରିବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କୌଶଳ ବିକାଶ ଶିବିର

**ପାଟଣା,୧୯।୧୨(ସ୍ୱ.ପ୍ର.)**

ପାଟଣାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ (ଭିନ୍ନକ୍ଷମ)ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରିବା ନେଇ ଗୁରୁବାରଠାରୁ ୩ଦିନିଆ କୌଶଳ ବିକାଶ ଶିବିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡେଣ୍ଡୁଆଠାରେ ସମଗ୍ର ଶିକ୍ଷା କେନ୍ଦୁଝର ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ସାରଥି ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଓମାନ୍ତ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା କମଳାକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଏବିଇଓ ନରୋତ୍ତମ ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦିବ୍ୟାଙ୍ଗ (ଭିନ୍ନକ୍ଷମ)ମାନେ ସାଧାରଣ ଶିଶୁଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି ବୋଲି କହିଥିଲେ। ଏହି ଶିବିରରେ ମୋଟ ୨୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାମ ତ୍ୱରାନ୍ୱିତ



ସ୍ୱେଚ୍ଛାସାଥୀ ମହିଳାମାନେ ସଫେଇ ପାଇଁ ଅଣ୍ଟା ଭିଡିଛନ୍ତି।

**କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର.)**

ମଇଳା ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନ ବା ଡଷ୍ଟବିନରେ ନ ପକାଇ ଏଣେ ତେଣେ ଫିଙ୍ଗିଲେ ଫାଇନ ହେବ। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନରେ କେନ୍ଦୁଝର ସହରରେ ସଫେଇ କାମକୁ ତ୍ୱରାନ୍ୱିତ କରାଯାଇଛି । ପୌରପାଳିକା ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ପୌରକର୍ମଚାରୀ ଓ ସ୍ୱେଚ୍ଛାସାଥୀ ମହିଳାମାନେ ସହରର ପରିମଳ ଅବସ୍ଥା ସୁଧାରିବା ପାଇଁ ଗୁରୁବାର ଅଣ୍ଟା ଭିଡିଛନ୍ତି । ଦୁଇ ମାସ ହେଲା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସାଥୀମାନେ ଘର ଘର ବୁଲି ମଇଳା ଆବର୍ଜନା ଠିକ ସ୍ଥାନରେ ପକାଇବା ପାଇଁ ସଚେତନ କରିଆସୁଥିଲେ। ଏବେ ମଇଳା ଆବର୍ଜନା ଏଣେ ତେଣେ ପକାଇଲେ ୫୦୦ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ ବ୍ୟବସ୍ଥା ରହିଥିବା ବେଳେ ସଚେତନ ପରେ ଖିଲାପ କଲେ ଫାଇନ ଆଦାୟ କରାଯିବ ବୋଲି ସ୍ୱାସ୍ଥ୍ୟ ନିରୀକ୍ଷକ ବାଲିଓ ମିଶ୍ର କହିଛନ୍ତି। କେନ୍ଦୁଝର ପୌରପାଳିକାରେ ୨୧ଟି ୱାର୍ଡରେ ୨୯ ଜଣ ସ୍ୱେଚ୍ଛାସାଥୀ ଅଛନ୍ତି । ସଫେଇ କାମ ପାଇଁ ୪/୫ ଟି ୱାର୍ଡକୁ ନେଇ ଏକ ୟୁନିଟ୍ କରାଯାଇଛି। ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ୟୁନିଟରେ ସାମିଲ ହୋଇ ସଫେଇ ଓ ମଇଳା ଆବର୍ଜନା ପରିଚାଳନା କାମ ନିରୀକ୍ଷଣ କରୁଥିବା ଜଣାପଡିଛି । ଏଥିପାଇଁ ପ୍ରତ୍ୟେକ ସ୍ୱେଚ୍ଛାସାଥୀଙ୍କୁ ୪ ହଜାର ଟଙ୍କା ପାରିଶ୍ରମିକ ମିଳୁଛି ।

### କାଟୁ କଲାନି ପ୍ରଶାସନର କଟକଣା

# ଏନ୍‌ଏଚ୍‌ରେ ପୁଣି ଖୋଲିଲା ଗ୍ୟାରେଜ

**ଘସିପୁରା,୧୯।୧୨(ଡି.ଏନ.ଏ.)**

୨୦ନମ୍ବର ଜାତୀୟ ରାଜପଥ ଶାଳପଡ଼ା ଘସିପୁରା ଓ ଶୈଳଙ୍ଗ ରାସ୍ତା ଉପରେ ପୁଣିଥରେ ଗ୍ୟାରେଜ ଖୋଲିବାକୁ କେନ୍ଦ୍ରକରି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜାତୀୟ ରାଜପଥରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅକାଳରେ ଯାଉଛି ଅନେକଙ୍କ ଜୀବନ। ମାତ୍ର କେତେକ ଗ୍ୟାରେଜ ମାଲିକ ବେଆଇନ ଭାବେ ଦଖଲ କରି ରାସ୍ତା ଉପରେ ଗ୍ୟାରେଜ ଖୋଲିଛନ୍ତି। ଫଳରେ ରାସ୍ତା ଉପରେ ବେଆଇନ ପାର୍କିଂ ଓ ଗାଡ଼ି ମରାମତି ଭଳି କାର୍ଯ୍ୟ ପରୋକ୍ଷରେ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଛି। ଗତ ମାସ ସ୍ଥାନୀୟ ପ୍ରଶାସନ ପୋଲିସ ସହାୟତାରେ ଏହି ଅଞ୍ଚଳ ଗୁଡ଼ିକରେ ଚଢ଼ାଉ କରି ବେଆଇନ ପାର୍କିଂ ଗାଡ଼ିଗୁଡ଼ିକୁ ହଟାଇବା ସହ ଗ୍ୟାରେଜ ମାଲିକଙ୍କ ପାଇଁ କଟକଣା ଜାରି କରିଥିଲା। ମାତ୍ର ଦିନ କେଇଟା ନ ବିତୁଣୁ ପ୍ରଶାସନର ନିର୍ଦ୍ଦେଶକୁ କେହି ଖାତିର କରୁ ନାହାନ୍ତି। ପୁନର୍ବାର ଏହି ରାସ୍ତାରେ ୧୦ ଚକିଆଠାରୁ ଆରମ୍ଭ କରି ୨୪ଚକିଆ ପର୍ଯ୍ୟନ୍ତ ଭାରିଯାନ ଟ୍ରକଗୁଡ଼ିକୁ ରାସ୍ତା ଉପରେ ବହୁଦିନ ଧରି ପାର୍କିଂ କରିବା ସହ ମରାମତି ଚଳାଉଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଅଧାପନ୍ତରିଆ ନିର୍ମାଣ କାର୍ଯ୍ୟ ଯୋଗୁ ଏହି ରୁଟ୍‌ରେ ଅନେକ ସ୍ଥାନରେ ରାସ୍ତା ବନ୍ଦ କରାଯାଇ ଡାଇଭର୍ସନ ଲଗାଯାଇଥିବା ବେଳେ ଅନ୍ୟପଟେ ଏଭଳି ଗ୍ୟାରେଜ ଓ ବେଆଇନ ପାର୍କିଂ ଦୁର୍ଘଟଣା ଆଶଙ୍କାକୁ ବଢ଼ାଇ ଦେଇଛି। ପର୍ଯ୍ୟଟନ ଋତୁ ହୋଇଥିବାରୁ ଏହି ରାସ୍ତାଦେଇ ଜିଲା ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଆସୁଥିବାବେଳେ ଏଭଳି ଟ୍ରାଫିକ ବ୍ୟବସ୍ଥା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଜାତୀୟ ରାଜପଥ ପ୍ରାଧିକରଣ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ବେଆଇନ ଭାବେ ଗାଡ଼ି ପାର୍କିଂ ହୋଇଛି।

# ବଢ଼ିଚାଲିଛି ରାସ୍ତାପାର୍ଶ୍ୱ ଜବରଦଖଲ ସମସ୍ୟା

**ଝୁମ୍ପୁରା, ୧୯।୧୨ (ଡି.ଏନ.ଏ.)**

ଝୁମ୍ପୁରା ତହସିଲ ଅନ୍ତର୍ଗତ ସମସ୍ତ ୬ଟି ଯାକ ରାଜସ୍ୱ ସର୍କଲରେ ଜବରଦଖଲ ସମସ୍ୟା ବଢିଚାଲିଛି। ସରକାରୀ ଜାଗା ଜବରଦଖଲ, ରାସ୍ତାପାର୍ଶ୍ୱ ଜବରଦଖଲ, କେନାଲ ହୁଡ଼ା ଜବରଦଖଲ ସମସ୍ୟା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ, ତହସିଲ ପ୍ରଶାସନ କେବଳ ଏକ ଜରିମାନା ନୋଟିସ ପଠାଇ ଦେଇ ଚୁପ ବସିଯାଉଛି। ଜବରଦଖଲ ଉଚ୍ଛେଦର ପ୍ରକ୍ରିୟା କରାଯାଉନାହିଁ। ଜବରଦଖଲ ନେଇ ଅନେକ ସମୟରେ ଗ୍ରାମ୍ୟ ବିବାଦ ହୋଇ ଥାନାରେ ଏତଲା ପର୍ଯ୍ୟନ୍ତ କଥା ଯାଇଛି। ଏତେ ସବୁ ପରେ ମଧ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଜବରଦଖଲକାରୀଙ୍କ ପ୍ରଭାବ ବଢ଼ି ବଢ଼ି ଚାଲିଛି।

ଏବେ ଜବରଦଖଲ ସମସ୍ୟା ଯୋଗୁ ଝୁମ୍ପୁରା ବଜାର ରାସ୍ତା ସଙ୍କୁଚିତ ହୋଇ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ପ୍ରଶାସନର ଅନୁକମ୍ପା ଯୋଗୁ ଝୁମ୍ପୁରା ବଜାର ରାସ୍ତାଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ୨ପାର୍ଶ୍ୱ ଡ୍ରେନ ଉପରେ ବେନିୟମ ନିର୍ମାଣ ଜାରି ରହିଛି। ବେନିୟମ ନିର୍ମାଣ ନେଇ ବଜାରବାସୀ ଅଭିଯୋଗ କଲେ ଜବରଦଖଲକାରୀ ଶୁଣୁନାହିଁ। ଓଲଟି ପୋଲିସର ସହାୟତା ନେଇ ଅଭିଯୋଗକାରୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ଝୁମ୍ପୁରା ବଜାର ଆରଏମସି ଏବଂ ପଞ୍ଚାୟତର ନିୟନ୍ତ୍ରଣାଧୀନ ରହିଥିବା ବେଳେ ଉଭୟ ଆରଏମସି ଏବଂ ପଞ୍ଚାୟତର ଦୋକାନ ଘର ପୂର୍ତ୍ତ ବିଭାଗ ରାସ୍ତାର ୨ପାର୍ଶ୍ୱରେ ରହିଛି। ପଞ୍ଚାୟତ ଓ ଆରଏମସିର ଦୋକାନ ଘର ନେଇଥିବା ବ୍ୟବସାୟୀ ଏବଂ ରାସ୍ତା ପାର୍ଶ୍ୱରେ ରହିଥିବା ଜାଗା ମାଲିକମାନେ ମନଇଚ୍ଛା ପୂର୍ତ୍ତ ବିଭାଗ ରାସ୍ତାର ୨ପାର୍ଶ୍ୱରେ ରହିଥିବା ଡ୍ରେନ ଉପରେ ବେନିୟମ ନିର୍ମାଣ କରି ଚାଲିଛନ୍ତି। ଡ୍ରେନ ପାର ହୋଇ ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇ ଦୋକାନ ଜିନିଷ ରଖାଯାଉଛି। ବଜାରକୁ ଆସୁଥିବା ବାଇକ ଆରୋହୀମାନେ ବାଧ ହୋଇ ମୁଖ୍ୟ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଟ୍ରାଫିକ ଅବ୍ୟବସ୍ଥା ନେଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ବିରୋଧ କରି ୱାର୍ଡ ନଂ.୨, ୱାର୍ଡ ନଂ.୩, ୱାର୍ଡ ନଂ. ୬, ୱାର୍ଡ ନଂ .୭ର ବାସିନ୍ଦା ବାରମ୍ବାର ତହସିଲ କାର୍ଯ୍ୟାଳୟ ଏବଂ ଥାନାରେ ଅଭିଯୋଗ କରିଛନ୍ତି ହେଲେ କେବଳ ପ୍ରତିଶ୍ରୁତିରେ ହିଁ ରହିଯାଉଛି। ପଦକ୍ଷେପ ନିଆଯାଉନାହିଁ। ଏସବୁ ନେଇ ବଜାରବାସୀ, ୱାର୍ଡବାସୀ ଗତ ୧୬ ତାରିଖରେ ଝୁମ୍ପୁରାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ନେଇ ଜିଲାପାଳଙ୍କୁ ଭେଟିଥିଲେ। ଅଭିଯୋଗକୁ ଦେଖିବା ପାଇଁ ଜିଲାପାଳ ଆଶିଷ ଠାକରେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ କହିଥିଲେ। ଚମ୍ପୁଆ ଉପଜିଲାପାଳ ମଧ ଆରଏମସିର ଚେୟାରମ୍ୟାନ ଅଟନ୍ତି। ତେବେ ପ୍ରଶାସନ ଝୁମ୍ପୁରା ବଜାର ୨ପାର୍ଶ୍ୱ ରାସ୍ତାର ଜବରଦଖଲ ନ ହଟାଇଲେ ଅଭିଯୋଗକାରୀ କୋର୍ଟର ଆଶ୍ରୟ ନେବେ ବୋଲି ଜଣାପଡିଛି। ଏସମ୍ପର୍କରେ ପଚାରିବାରୁ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ପଚାରିବାରୁ ରାସ୍ତାପାର୍ଶ୍ୱ ଜବରଦଖଲ ସମ୍ପର୍କରେ ଅନୁଧାନ କରାଯିବ ବୋଲି କହିଛନ୍ତି।

### ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ



ଝୁମ୍ପୁରା ମୁଖ୍ୟ ବଜାର ରାସ୍ତା ପାର୍ଶ୍ୱ ଜବରଦଖଲ।

# ରୋଗୀଙ୍କ ମୃତ୍ୟୁକୁ କେନ୍ଦ୍ରକରି ଉତ୍ତେଜନା

- କଟକ ସ୍ଥାନାନ୍ତର ଦାବିରେ ଡାକ୍ତରଖାନାରେ ଭଙ୍ଗାରୁଜା
- ଜୋର କରି ମୃତଦେହ ନେଇଗଲେ
- ୨ ସମ୍ପର୍କୀୟ ଅଟକ

**ଭଦ୍ରକ ଅଫିସ, ୧୯।୧୨**

ମୃତ ବ୍ୟକ୍ତିଙ୍କୁ ଜୀବିତ କହି ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବା ଦାବିରେ ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ ଡାକ୍ତରଖାନାରେ ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ। ସେମାନେ ଏକ ଘରୋଇ ଆମ୍ବୁଲାନ୍ସ ଆଣି ଚିକିତ୍ସା ଲାଗି ମୃତଦେହକୁ କଟକ ନେଇଯାଇଥିଲେ। ଏପରିକି ଜିଲା ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ପରେ ଅଧା ରାସ୍ତାରୁ ଫେରାଇ ଆଣି ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ସମ୍ପର୍କୀୟ ଘରକୁ ନେଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତକଙ୍କ ୨ ସମ୍ପର୍କୀୟଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି।



ମେଡିକାଲରେ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

ଡାକ୍ତରଖାନାର ଆଉଟଡୋରରେ ଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡା. ପ୍ରଦୀପ ଖୁଣ୍ଟିଆଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ବଳଭଦ୍ରପୁର ଗାଁର କୈଳାସ ପରିଡ଼ା(୩୭) ନିଜ ବାଡ଼ିରେ କାମ କରୁଥିବାବେଳେ ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଦାୟିତ୍ୱରେ ଥିବା ଡା. ସଙ୍ଗୀତା ବଳ କୈଳାସଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ସଂରକ୍ଷଣ ଗୃହକୁ ନେବା ପାଇଁ କହିଥିଲେ। କିନ୍ତୁ ମୃତକଙ୍କ ସମ୍ପର୍କୀୟମାନେ କୈଳାସ ବଞ୍ଚିଛନ୍ତି କହି ତାଙ୍କୁ କଟକ ସ୍ଥାନାନ୍ତର ଲାଗି ଦାବି କରିଥିଲେ। ମୃତକଙ୍କୁ କଟକ ସ୍ଥାନାନ୍ତର କରାଯାଇପାରିବ ନାହିଁ ବୋଲି କାର୍ଯ୍ୟରତ ଡାକ୍ତର କହିବାରୁ ସେମାନେ ହୋହଲ୍ଲା ଆରମ୍ଭ କରିଥିଲେ। ସେମାନେ ଡାକ୍ତର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଚିକିତ୍ସାଳୟର ଚେୟାର, ଟେବୁଲ୍ ଭଙ୍ଗାରୁଜା କରିଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଏକ ଘରୋଇ ଆମ୍ବୁଲାନ୍ସ ଆଣି ମୃତଦେହକୁ କଟକ ଅଭିମୁଖେ ନେଇଯାଇଥିଲେ। କାର୍ଯ୍ୟରତ ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ଡା. ଖୁଣ୍ଟିଆ ଟାଉନ ଥାନାରେ ଏତଲା ଦାଏର କରିଛନ୍ତି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ 'ମୋ ସରକାର ଟିମ୍'

**ବାଲେଶ୍ୱର ଅଫିସ, ୧୯।୧୨**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ଫକୀରମୋହନ ସରକାରୀ ମେଡ଼ିକାଲ କଲେଜକୁ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ୩ ଜଣିଆ ମୋ ସରକାର ଟିମ୍ ପରିଦର୍ଶନ କରିଛନ୍ତି। ଚିକିତ୍ସାଳୟ ଓପିଡ଼ି ସମେତ ଔଷଧ ବିତରଣ କେନ୍ଦ୍ର ଓ ସମସ୍ତ ବିଭାଗ ପରିଦର୍ଶନ କରିବା ପରେ ଆହାର କେନ୍ଦ୍ରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ।

ମୋ ସରକାର ଟିମ୍‌ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡା. ମାନସ ରଞ୍ଜନ ସାମନ୍ତରାୟ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଶାନ୍ତ କୁମାର ଦାସ, ଗୋଷ୍ଠୀ ସାଧନ କେନ୍ଦ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ ପରାମର୍ଶଦାତା ଡା. ସୁଶାନ୍ତ କୁମାର ନାୟକ ମିଳିତ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ସାମିଲ ଥିଲେ। ଟିମ୍ ସଦସ୍ୟମାନେ ପହଞ୍ଚି ଓପିଡ଼ିର ଡାକ୍ତରମାନେ ରୋଗୀଙ୍କ ପାଇଁ ଲେଖୁଥିବା ଔଷଧ, ଔଷଧ ବିତରଣ କେନ୍ଦ୍ର, ବିଭିନ୍ନ ୱାର୍ଡ଼ର ସ୍ୱଚ୍ଛତା, ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ସମ୍ପର୍କୀୟଙ୍କୁ ପଚାରି ବୁଝିବା ପରେ ଚିକିତ୍ସାଳୟର ଉନ୍ନତି ନିମନ୍ତେ ଫକୀରମୋହନ ସରକାରୀ ମେଡ଼ିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର ଘୋଷ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ସମେତ ବହୁ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ମିଳୁଥିବା ଖାଦ୍ୟ ଖାଇ ତାହାର ମାନ ଯାଞ୍ଚ କରିଥିଲେ।



ମୋ ସରକାର ଟିମ୍ ପରିଦର୍ଶନ କରି ଫେରୁଛନ୍ତି ।

## ବାଲି ଘାଟରେ ୧୪୪ ଧାରା ଜାରି

**ଆନନ୍ଦପୁର/ଘସିପୁରା,୧୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ବେଆଇନ ବାଲି ଉତ୍ତୋଳନ ରୋକିବା ଲାଗି ଆନନ୍ଦପୁର ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବୈତରଣୀ ନଦୀର ପଦ୍ମପୁର ଘାଟ, ଆନନ୍ଦପୁର ବ୍ରିଜଛକ ନିକଟରେ ସେତୁ ତଳ ସ୍ଥାନରେ ବେଆଇନ ବାଲି ଉତ୍ତୋଳନକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି। ଏ ସମ୍ପର୍କରେ ଡେଙ୍ଗୁରା ମାଧ୍ୟମରେ ମଧ୍ୟ ଅବଗତ କରାଯାଇଛି। ସଂପୃକ୍ତ ସ୍ଥାନରେ ଗୁରୁବାର ଅପରାହ୍ନରେ ଆନନ୍ଦପୁର ତହସିଲଦାର, ରେଭେନ୍ୟୁ ସୁପରଭାଇଜର୍, ଆନନ୍ଦପୁର ଆରଆଇ ଏବଂ ଆନନ୍ଦପୁର ପୋଲିସଙ୍କ ଉପସ୍ଥିତିରେ ନାଲି ପତାକା ମରାଯାଇଛି। ନାଲି ପତାକା ମରାଯାଇଥିବା ସ୍ଥାନକୁ ବେଆଇନ ଭାବେ ପ୍ରବେଶ କରି ବାଲି ଉତ୍ତୋଳନ କରାଗଲେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଡେଙ୍ଗୁରା ମାଧ୍ୟମରେ ଅବଗତ କରାଯାଇଥିବା ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ହାତୀ ଗୋଡ଼ାଇବାରୁ କୂଅରେ ପଡ଼ି ଜୀବନ ଗଲା

**ଠାକୁରମୁଣ୍ଡା,୧୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ବାଟଗୌଡ଼ଗାଁ ଗ୍ରାମର ଜଣେ ଦିବ୍ୟାଙ୍ଗ ବୃଦ୍ଧ ହାତୀ କବଳରୁ ରକ୍ଷା ପାଇବାକୁ ଯାଇ କୂଅରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ଦ୍ୱାରୀ ନାଏକ (୬୫)। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେଞ୍ଜର ରାଣୀପାଟ ସେକ୍ସନ ଅଧୀନ ବାଟଗୌଡ଼ଗାଁ ନିକଟ ଧାନ ବିଲରେ ବୁଧବାର ସନ୍ଧ୍ୟାରେ ୨୨ଟିକିଆ ହାତୀପଲ ପଶିଥିଲେ। ବନ ବିଭାଗ କର୍ମଚାରୀମାନଙ୍କ ଉପସ୍ଥିତିରେ ଗାଁ ଲୋକେ ସେମାନଙ୍କୁ ଘଉଡ଼ାଉ ଥିବାବେଳେ ହାତୀ ପଲ ଉତ୍ତ୍ୟକ୍ତ ହୋଇ ଲୋକମାନଙ୍କ ଆଡ଼କୁ ମାଡ଼ି ଆସିଥିଲେ। ହାତୀ ଆକ୍ରମଣରୁ ବର୍ଞ୍ଚିବା ପାଇଁ ଲୋକେ ଏଣେତେଣେ ଦୌଡ଼ିଥିଲେ। ମାତ୍ର ସେଠାରେ ହାତୀମାନଙ୍କୁ ଦେଖୁଥିବା ଦିବ୍ୟାଙ୍ଗ ବୃଦ୍ଧ ଦ୍ୱାରୀ ଜୀବନ ବିକଳରେ ପଳାଇ ଯାଉଥିବାବେଳେ ଅନ୍ଧାର ଯୋଗୁ ବିଲ ପାଖରେ ଥିବା ଜଣେ ବ୍ୟକ୍ତିଙ୍କ ଗଭୀର କୂଅ ଭିତରେ ଖସି ପଡ଼ିଥିଲେ।

## ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଦୋଷୀଙ୍କୁ ୧୦ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୧୯।୧୨**

ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଜିଲା ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୁବାସ କୁମାର ବେହାରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୭ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୧୭ ଜାନୁୟାରୀ ୧ତାରିଖରେ ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଶଶିଧର ମଣ୍ଡଳ (୩୫) ତାଙ୍କ ସମ୍ପର୍କୀୟ ମାଈଁଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଶଶିଧର ମାଈଁଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ନିଜର ସମ୍ମାନ ବଞ୍ଚାଇବା ପାଇଁ ଉକ୍ତ ଘଟଣାକୁ ଲୁଚାଇ ରଖିବାକୁ ଚେଷ୍ଟା କରୁଥିବାବେଳେ ଶଶିଧର ତାଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଦେବା ସହ ସର୍ବସାଧାରଣରେ ପ୍ରକାଶ କରିବାକୁ ଧମକ ଦେଇଥିଲେ। ଲୋକଲଜ୍ଜାକୁ ଡରି ମହିଳା ଜଣକ ୨୦୧୭ ଏପ୍ରିଲ ୪ ତାରିଖରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତତ୍କାଳୀନ ଡାକ୍ତରଖାନା ଫାଣ୍ଡି ଏଏସ୍‌ଆଇ ବିଶ୍ୱମ୍ବର ଚକ୍ରବର୍ତ୍ତୀ ତଦନ୍ତ କରୁଥିବା ବେଳେ ମହିଳାଜଣଙ୍କ ତାଙ୍କ ଭଣଜା ଶଶିଧର ଏଭଳି ଧମକ ଦେଉଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ମୃତ୍ୟୁକାଳୀନ ଜମାନବନ୍ଦୀରେ ପ୍ରକାଶ କରିଥିଲେ। ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁକାଳୀନ ଜମାନବନ୍ଦୀକୁ ଭିତ୍ତି କରି ଏଏସ୍‌ଆଇ ଚକ୍ରବର୍ତ୍ତୀ ଶିଳ୍ପାଞ୍ଚଳ ଥାନାରେ ଏପ୍ରିଲ ୬ ତାରିଖରେ ଏକ ହତ୍ୟା ମାମଲା (ନଂ. ୪୧/୨୦୧୭) ରୁଜୁ କରିଥିଲେ। ମୃତ୍ୟୁକାଳୀନ ଜମାନବନ୍ଦୀ, ୧୬ଜଣ ସାକ୍ଷ୍ୟଙ୍କ ବୟାନ ଓ ୧୮ ଦସ୍ତାବିଜ୍ ଅନୁଯାୟୀ ବିଚାରପତି ଏହି ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।







| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ – ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ଼, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ୍, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଳାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ଼ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ଓ୍ୱିରମ୍, ନିମ ଗାର୍ଡ଼, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ଼, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍‌ନିଅ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ଼ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ

ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଲେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870,9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887 Shop Online: www.baidyanath.com | www.goodcare.co.in




ଏହିକ୍ଷଣି ବୁକ୍ କରନ୍ତୁ । ଲୋକପ୍ରିୟ ଚାହିଦା ଯୋଗୁ ଅଫର ଅବଧି 31 ଡିସେମ୍ବର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।

| ମଡେଲ | ଅପ୍ରଫ୍ରଣ୍ଟ ଲାଭ (₹) | ଏକ୍ସଚେଞ୍ଜ ଲାଭ (₹) | କର୍ପୋରେଟ ଲାଭ (₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ (₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1,39,000 | 25,000 | 7,000 | 1,71,000 |
| M6 | 77,000 | 25,000 | 7,000 | 1,09,000 |
| M4 | 36,000 | 15,000 | 7,000 | 58,000 |

CHOOSE TOGETHER. CHOOSE RIGHT.

MARAZZO

ଅନ୍ୟ ଡିଜେଲ MPVs ତୁଳନାରେ, ଇଞ୍ଜିନ୍ ବନ୍ଦ ଥିବା ଅବସ୍ଥାରେ ଡ୍ରାଇଭରର କାନ ପାଖରେ 43 dB । ବାୟୁ ଗତି 36 m/s । 1ମ ଏବଂ 2ୟ ଧାଡିରେ ସୋଲଡର ରୁମ ଏବଂ 3ୟ ଧାଡିରେ ଲେଗ୍ ରୁମ । ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ । ଯାନର ରଙ୍ଗ ମୁଦ୍ରିତ ଚିତ୍ରଗୁଡ଼ିକଠାରୁ ଭିନ୍ନ ହୋଇପାରେ । ଅଧିକ ସୂଚନା ପାଇଁ, ଦୟାକରି ଆପଣଙ୍କ ନିକଟସ୍ଥ ମହିନ୍ଦ୍ରା ଡିଲରଶିପକୁ ଭିଜିଟ୍ କରନ୍ତୁ ।

**ADITYA MOTORS:** CUTTACK , JAGATSINGHPUR, KENDRAPARA, PURI, NAYAGARH, KHURDA: 7873999010, **JAJPUR:** 7873999027, **BASANTI AUTO AGENCY:** BALASORE, BHADRAK, MAYURBHANJ: 7574808558, **KRISHNA AUTOMOBILES:** ROURKELA, SUNDARGARH, SAMBALPUR, JHARSUGUDA, BARGARH, DEOGARH: 7574891581, **MINERVA AUTOMOBILES:** BOLANGIR, SONEPUR, KALAHANDI, NUAPADA: 7574891579, **BHAWANIPATNA:** 7574891577, **PARAMOUNT AUTOMOTIVES: KORAPUT, MALKANGIRI, NABRANGPUR, RAYAGADA:** 7574808729,**SIDDHI LAXMI MOTORS:** ANGUL, DHENKANAL: 7574808720, **UTKAL AUTOMOBILES:** BHUBANESWAR, CUTTACK , JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA, BARBIL, KEONJHAR: 8929653912.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ